**ସଂକ୍ଷେପରେ**

## ଯୁବ ସଂଘ ପ୍ରଚାରକଙ୍କ ପରଲୋକ



**ଝୁମ୍ପୁରୀ, ୨୭।୮ (ସରୋଜ ନାୟକ):** ଦଶରଥପୁର ବ୍ଲକ୍ ଅଧୀନ ବାଳଦା ଗ୍ରାମର ଯୁବ ସଂଘ ପ୍ରଚାରକ ବଦ୍ରୀନାରାୟଣ ତ୍ରିପାଠୀଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୨୭ ବର୍ଷ ବୟସ ହୋଇଥିଲା। ଏମ୍‌ବିଏ ପାସ୍ କରିବାପରେ ସେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିଚାରଧାରାରେ ଆକୃଷ୍ଟ ହୋଇ ସଂଘର ପୁରୀ ଜିଲା ପ୍ରଚାରକଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ବାପା ରବିନାରାୟଣ ତ୍ରିପାଠୀ ଦଶରଥପୁର ବ୍ଲକ୍‌ର ଶିକ୍ଷାଧିକାରୀଭାବେ କାର୍ଯ୍ୟକରି ଅବସର ନେଇଥିବାବେଳେ ମା' ଏବେ ପ୍ରୀତିପୁର ୟୁଜିଏମ୍‌ଇ ସ୍କୁଲର ଶିକ୍ଷୟିତ୍ରୀଭାବେ କାର୍ଯ୍ୟ କରୁଛନ୍ତି। ଜଣେ ଯୁବ ସଙ୍ଗଠକ ଓ ପ୍ରଚାରକଙ୍କ ଏପରି ଅକାଳ ମୃତ୍ୟୁ ଖବର ଜଣାପଡ଼ିବା ପରେ ଜିଲା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ବଜରଙ୍ଗ ଦଳ, ବିଶ୍ୱହିନ୍ଦୁ ପରିଷଦ ଓ ଧର୍ମଜାଗରଣ ସମିତିର କାର୍ଯ୍ୟକର୍ତ୍ତା ଶୋକପ୍ରକାଶ କରିବା ସହ ତାଙ୍କ ବାସଭବନରେ ପହଞ୍ଚି ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ପୋଖରୀରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

**ଧାମନଗର, ୨୭।୮ (ଦେବେନ୍ଦ୍ର ଆଦିଆ):** ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ଖଡ଼ିପଦା ପଞ୍ଚାୟତ ମୁଥାନଗର ଗ୍ରାମର ଭଗବତୀ ବେହେରା (୭୫)ଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ରବିବାର ସକାଳେ ଭଗବତୀ ନିଜ ବାଡ଼ି ନିକଟରେ ଥିବା ପୋଖରୀକୁ ଶୌଚ ପାଇଁ ଯାଇଥିଲେ। ପରେ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖି ପରିବାର ଲୋକେ ଧାମନଗର ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୯/୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ପୋଖରୀରେ ଗୋଡ଼ ଖସିଯିବାରୁ ଭଗବତୀ ଆଉ ଉପରକୁ ଉଠି ନ ପାରି ପାଣିରେ ବୁଡ଼ିଯାଇଥିବା ଅନୁମାନ କରାଯାଉଛି ବୋଲି ପରିବାର ଲୋକେ କହିଛନ୍ତି।

## ୪ ବଖରା ଜଳିଗଲା

**ଭଣ୍ଡାରିପୋଖରୀ, ୨୭।୮ (ରବିନାରାୟଣ ଖିଲାର):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ବନ୍ଦାଲୋ ମଢ଼ିଆଳି ପଞ୍ଚାୟତ ଖପୁରିଆପଦା ଗ୍ରାମର ଶାନ୍ତିଲତା ସେଠିଙ୍କ ଘରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୪ ବଖରା ଜଳିଯାଇଛି। ଖବରପାଇ ବିଧାୟକ ପ୍ରଫୁଲ୍ଲ ସାମଲ ଓ ରାଜ୍ୟ ବିଜେଡି ସମ୍ପାଦକ ପ୍ରୟାସକାନ୍ତି ସାମଲଙ୍କ ନିର୍ଦ୍ଦେଶକ୍ରମେ ୨୩ ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟ ତଥା ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁ, ନିର୍ଗୁଣ୍ଡି ସରପଞ୍ଚ ସତ୍ୟବ୍ରତ ପାଲ, ବନ୍ଦାଲୋ ମଢ଼ିଆଳି ସରପଞ୍ଚ ବିଶ୍ୱନାଥ ସାହୁ ପ୍ରମୁଖ ଅଗ୍ନିବିପନ୍ନଙ୍କ ପାଖରେ ପହଞ୍ଚି ତାଙ୍କୁ ଶୁଖିଲା ଖାଦ୍ୟ, ପଲିଥିନ ଆଦି ପ୍ରଦାନ କରିଛନ୍ତି। ଏଥିସହ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ବିଦ୍ୟୁତ୍ କର୍ମଚାରୀଙ୍କୁ ଅଟକ ରଖିଲେ ଗ୍ରାମବାସୀ

**ନୀଳଗିରି, ୨୭।୮ (ପ୍ରଶାନ୍ତ ବିଶ୍ୱାଳ)** ବାଲେଶ୍ୱର ଜିଲା ବରହମପୁର ବିଦ୍ୟୁତ୍ ସବଷ୍ଟେଶନ ଅଧୀନ ନରଣପୁର ପଞ୍ଚାୟତ ଭୁଲାପଡ଼ିଆ ଗ୍ରାମରେ ବିଦ୍ୟୁତ୍ ସରବରାହରେ ଅବ୍ୟବସ୍ଥା ଲାଗି ରହିଛି। ଏହାର ପ୍ରତିବାଦରେ ଲୋକେ ବିଦ୍ୟୁତ୍ କର୍ମଚାରୀଙ୍କୁ ଅଟକ ରଖିଥିଲେ। ରବିବାର ସକାଳେ ଭୁଲାପଡ଼ିଆ ଗ୍ରାମର କିଛି ଲୋକ ଲୋ-ଭୋଲଟେଜ୍ ସମସ୍ୟା ନେଇ ବରହମପୁର ବିଦ୍ୟୁତ୍ ସବଷ୍ଟେଶନକୁ ଫୋନ କରି ଅଭିଯୋଗ କରିଥିଲେ। ବିଦ୍ୟୁତ୍ କର୍ମଚାରୀମାନେ ଅପରାହ୍ନ ୪ଟା ସମୟରେ ଗ୍ରାମରେ ପହଞ୍ଚିବାରୁ ଗ୍ରାମବାସୀ ପାଟିତୁଣ୍ଡ କରିଥିଲେ। ବିଦ୍ୟୁତ୍ ବିଭାଗ କର୍ମଚାରୀ ବିଦ୍ୟୁତ୍ ସଜାଡିବା ପରିବର୍ତ୍ତେ ରାଗରେ ବକେୟା ବିଲ୍ ଥିବା କିଛି ଲୋକଙ୍କର ବିଦ୍ୟୁତ୍ ସଂଯୋଗ କାଟି ଦେଇଥିଲେ। ଏଥିରେ ଅସନ୍ତୋଷ ପ୍ରକାଶ କରି ଗ୍ରାମବାସୀ କର୍ମଚାରୀଙ୍କୁ ଅଟକ ରଖିବା ସହିତ ଉପରିସ୍ଥ କର୍ମଚାରୀଙ୍କୁ ଆସିବା ପାଇଁ କହିଥିଲେ। ବରହମପୁର ପୋଲିସ ପହଞ୍ଚି ବୁଝାଶୁଝା କରିବାରୁ ଗ୍ରାମବାସୀ ଉକ୍ତ କର୍ମଚାରୀଙ୍କୁ ଛାଡିଥିଲେ।

# ୧୬ ବର୍ଷ ଧରି ଜବରଦଖଲରେ ମାର୍କେଟ କମ୍ପ୍ଲେକ୍ସ

### ବ୍ଲକ୍ ପ୍ରଶାସନ ନିକଟରେ ତଥ୍ୟ ନାହିଁ

**ପ୍ରୀତିପୁର, ୨୭।୮ (ସୁଶାନ୍ତ ବେହୁରିଆ):** ସରକାର ଗ୍ରାମ ପଞ୍ଚାୟତର ଆୟବୃଦ୍ଧି, ସ୍ଥାୟୀ ଭିତ୍ତିଭୂମି ବିକାଶ ଓ ଶିକ୍ଷିତ ବେକାରିଙ୍କୁ ସ୍ୱାବଲମ୍ବୀ କରିବା ନିମନ୍ତେ ପ୍ରତ୍ୟେକ ପଞ୍ଚାୟତରେ ମାର୍କେଟ କମ୍ପ୍ଲେକ୍ସ ଗୃହ ନିର୍ମାଣ ନିମନ୍ତେ ଅନୁଦାନ ଯୋଗାଇ ଦେଉଛନ୍ତି। ମାତ୍ର ସରକାରୀ କର୍ମଚାରୀଙ୍କ ଆନ୍ତରିକତା ଅଭାବ ଯୋଗୁ ବହୁ ସ୍ଥାନରେ ମାର୍କେଟ କମ୍ପ୍ଲେକ୍ସ ଘର ଭୂତକୋଠି ପାଲଟିଲାଣି। ଆଉ କେତେକ ଜବରଦଖଲକାରୀଙ୍କ କବ୍‌ଜାରେ ରହିଥିବା ଜଣାଯାଇଛି, ଯାହାର ଏକ ଉଦାହରଣ ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଅଧୀନ ଦଶରଥପୁର ବ୍ଲକ ଅନ୍ତର୍ଗତ ଥାଲକୁଡ଼ି ପଞ୍ଚାୟତରେ ଦେଖିବାକୁ ମିଳିଛି। ବ୍ଲକ୍ ପ୍ରଶାସନ ପକ୍ଷରୁ ଏହି ପଞ୍ଚାୟତ ଅନ୍ତର୍ଗତ ଦକ୍ଷିଣବନ୍ଧ ଛକରେ ୨୦୦୫ରେ ତତ୍କାଳୀନ ସରପଞ୍ଚ ଶଶଧର ବେହୁରିଆଙ୍କ କାର୍ଯ୍ୟକାଳ ସମୟରେ ୮ ବଖରା ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇଥିଲା। ୨୦୦୭ରେ ଏହା ସମ୍ପୂର୍ଣ୍ଣ ହେବାପରେ ସେତେବେଳେ ନିର୍ବାଚିତ ହୋଇଥିବା ସରପଞ୍ଚ ଏହି ଘରକୁ



ଜବରଦଖଲରେ ଥିବା ମାର୍କେଟ କମ୍ପ୍ଲେକ୍ସ।

ଆବଣ୍ଟନ ନ କରି ପକାଇ ରଖିଥିଲେ। ଫଳରେ ଏଥି ମଧ୍ୟରୁ କେତେକ ଘରକୁ ସ୍ଥାନୀୟ ଲୋକେ ଜବରଦଖଲ କରି ଦୋକାନ ଖୋଲିଥିବା ଦେଖାଯାଇଥିଲା। ଯାହାକୁ ଏଯାବତ ହଟାଯାଇ ପାରିନାହିଁ। ଏଥିମଧ୍ୟରେ ୧୬ ବର୍ଷ ଅତିକ୍ରାନ୍ତ ହେବା ସହିତ ୪ ଜଣ ସରପଞ୍ଚ ଦାୟିତ୍ୱ ନେଲେଣି, ତଥାପି ଉକ୍ତ ଜବରଦଖଲକାରୀଙ୍କୁ କାହିଁକି ଉଚ୍ଛେଦ କରାଯାଉନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅପରପକ୍ଷରେ ଉକ୍ତ କମ୍ପ୍ଲେକ୍ସର କେହି ରକ୍ଷଣାବେକ୍ଷଣ କରୁ ନ ଥିବା ଯୋଗୁ କାଳକ୍ରମେ ଏହା ଜରାଜୀର୍ଣ୍ଣ ପାଲଟିଲାଣି। ତେଣୁ ବ୍ଲକ ପ୍ରଶାସନ ତୁରନ୍ତ କମ୍ପ୍ଲେକ୍ସରୁ ଜବରଦଖଲ ହଟାଇ ଏହାକୁ ମରାମତି କରି ଲଟେରି ମାଧ୍ୟମରେ ଲୋକଙ୍କୁ ଯୋଗାଇ ଦେବା ପାଇଁ ଦାବି ହୋଇଛି। ଏ ସମ୍ପର୍କରେ ବ୍ଲକ୍ ପ୍ରଶାସନକୁ ଆର୍‌ଟିଆଇରେ ତଥ୍ୟ ମଗାଯାଇଥିଲା। ମାତ୍ର ବ୍ଲକ୍ ପକ୍ଷରୁ ଦିଆଯାଇଥିବା ତଥ୍ୟରେ ସେଠାରେ ମାର୍କେଟ କମ୍ପ୍ଲେକ୍ସ ନାହିଁ ବୋଲି ଦର୍ଶାଯାଇଛି। ଏ ସମ୍ପର୍କରେ ବ୍ଲକ୍ ଗ୍ରାମ ପଞ୍ଚାୟତ ଅଧିକାରୀ(ଜିପିଓ)ସୁମନ୍ତ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, କେଉଁ ପଞ୍ଚାୟତରେ କେତେ ସରକାରୀ ମାର୍କେଟ କମ୍ପ୍ଲେକ୍ସ ରହିଛି ତାହାର ତଥ୍ୟଦେବା ପାଇଁ ବ୍ଲକର ସମସ୍ତ ପିଇଓଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ତଥ୍ୟ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

# ଯନ୍ତ୍ରଣାରେ ଛଟପଟ ଜଗଦୀଶ

- କିଡ୍‌ନୀ ଅଚଳ
- ସହାୟତା ପାଇଁ ମା'ବାପାଙ୍କ ନିବେଦନ

**କାଏମା, ୨୭।୮ (ଶିବପ୍ରସାଦ ମହାନ୍ତି):** ଧର୍ମଶାଳା ବ୍ଲକ ଅଧୀନ ବଡ଼କାଏମା ପଞ୍ଚାୟତ ଡେରାବର ଗ୍ରାମର ସନ୍ତୋଷ ଦାଶଙ୍କ ପୁଅ ଜଗଦୀଶ(୧୪) କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଜଗଦୀଶ ୮ମ ଶ୍ରେଣୀ ଯାଏ ପାଠ ପଢ଼ିଛନ୍ତି। ଏବେ ତାଙ୍କର ଦୁଇ ଗୋଡ଼ ବଙ୍କା ହେବାକୁ ଲାଗିଲାଣି। ସେ ଆଉ ଚାଲି ପାରୁନାହାନ୍ତି। ଖେଳିବା, ବୁଲିବା ଓ ପାଠ ପଢ଼ିବା ସବୁକିଛି ତାଙ୍କର ବନ୍ଦ ହୋଇଯାଇଛି। ଏବେ ସେ ଜୀବନ ସହ ସଂଗ୍ରାମ କରୁଛନ୍ତି। ତାଙ୍କ ମା' ନଳିନୀ ପୁଅର ଏପରି ଅବସ୍ଥା ଦେଖି ଭାଙ୍ଗି ପଡ଼ିଛନ୍ତି। ତେଣୁ ପୁଅକୁ ବଞ୍ଚାଇ ଦେବାକୁ ସେ ସହୃଦୟ ବ୍ୟକ୍ତିଙ୍କୁ ନିବେଦନ କରିଛନ୍ତି।

ସନ୍ତୋଷ ଜଣେ ଦିନ ମଜୁରିଆ ଭାବେ କାମ କରି ପରିବାର ଚଳାନ୍ତି। ବିଭିନ୍ନ ଆଡୁ ଧାର କରଜ କରି ପୁଅର ଚିକିତ୍ସା ନିମନ୍ତେ ଅନେକ ଟଙ୍କା ଖର୍ଚ୍ଚ କରିସାରିଲେଣି। ମାତ୍ର ଚିକିତ୍ସାରେ କୌଣସି ଉନ୍ନତି ହୋଇପାରୁନାହିଁ। ଏବେ ଆଉ ଚିକିତ୍ସା କରିବାକୁ ଟଙ୍କା ନାହିଁ। ଜଗଦିଶ ସ୍କୁଲ୍ ଯିବା ସମୟରେ ତାଙ୍କୁ ବାରମ୍ବାର ପରିସ୍ରା ଲାଗେ। ବେଳେବେଳେ ସେ ଜାଣି ନ ପାରି ପ୍ୟାଣ୍ଟରେ ପରିସ୍ରା କରିଦିଅନ୍ତି। ଏମିତି ହେବା ପରେ ସନ୍ତୋଷ ତାଙ୍କୁ ମେଡିକାଲ ନେଇଥିଲେ। ଡାକ୍ତରଙ୍କ ପରୀକ୍ଷା ପରେ ଜାଣିବାକୁ ପାଇଥିଲେ ଯେ, ଏହା କିଡ୍‌ନୀଜନିତ ରୋଗ। ତେଣୁ ପୁଅକୁ ଭଲ କରିବା ପାଇଁ ସୁନ୍ତୋଷ ଧର୍ମଶାଳା, ଯାଜପୁର, କଟକ ଓ ଭୁବନେଶ୍ୱରଠାରୁ ଆରମ୍ଭ କରି ଓଡ଼ିଶା ବାହାର ମେଡିକାଲ ପର୍ଯ୍ୟନ୍ତ ଯାଇଛନ୍ତି।



କିଡ୍‌ନୀ ରୋଗରେ ପୀଡ଼ିତ ଜଗଦୀଶ।

ହେଲେ କିଛି ସୁଫଳ ମିଳିପାରିନାହିଁ। ସନ୍ତୋଷ କହିଛନ୍ତି, ପୁଅକୁ ଭଲ କରିବା ପାଇଁ ଯିଏ ଯେତେବେଳେ ଯୁଆଡେ କହିଲେ ଯାଇଛି। କିନ୍ତୁ ରୋଗ ଏବେ ଚତୁର୍ଥ ସୋପାନରେ ପହଞ୍ଚିଛି। ଜୀବନ ବଞ୍ଚିବାର ଏକ ମାତ୍ର ବିକଳ୍ପ କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ। ଯଦିକେହି ସହୃଦୟ ବ୍ୟକ୍ତି, ସରକାର, ସ୍ୱେଚ୍ଛାସେବୀ ସଂଗଠନ ଓ ସାମାଜିକ କର୍ମୀ ସାହାଯ୍ୟର ହାତ ବଢ଼ାନ୍ତେ ତାହେଲେ ପୁଅ ଜୀବନ ବଞ୍ଚିଯାଆନ୍ତା। ଏ ସମ୍ପର୍କରେ କୋଟପୁର ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ପ୍ରତ୍ୟୁଷ ମହାରଣା କହିଛନ୍ତି, ପିଲାଟିକୁ ଯଦି କେହି କିଡ୍‌ନୀ ଦାନ କରିବେ ଓ ତାଙ୍କୁ ଚିକିତ୍ସା କରାଯିବ ତେବେ ସ୍ୱାସ୍ଥ୍ୟ ଅବସ୍ଥା କିଛି ସୁଧୁରିବ।

# ନିୟମିତ ରେଳଯାତ୍ରୀ ସଂଘ ପକ୍ଷରୁ ଗଣଧାରଣା



ନିୟମିତ ରେଳ ଯାତ୍ରୀ ସଂଘ ପକ୍ଷରୁ ରବିବାର ବରୀ-ଠେଙ୍ଗଡ଼ ରେଳଷ୍ଟେଶନ ପରିସରରେ ଗଣଧାରଣା ଦିଆଯାଇଛି।

**ଛତିଆ, ୨୭।୮ (ସୌମ୍ୟ ରଞ୍ଜନ ସାହୁ):** ନିୟମିତ ରେଳଯାତ୍ରୀ ସଂଘ ପକ୍ଷରୁ ୪ ଦଫା ଦାବିନେଇ ଯାଜପୁର ଜିଲା ବଡ଼ଚଣା ବ୍ଲକ ଅଧୀନ ବରୀ-ଠେଙ୍ଗଡ଼ ରେଳଷ୍ଟେଶନ ପରିସରରେ ରବିବାର ଗଣଧାରଣା ଦିଆଯାଇଛି। ଉକ୍ତ ଷ୍ଟେଶନରୁ ପ୍ରତିଦିନ ବଡ଼ଚଣା ଅଞ୍ଚଳରେ ଶତାଧିକ ଯାତ୍ରୀ ଯାତାୟାତ କରିଥାନ୍ତି। ମାତ୍ର ପାସେଞ୍ଜର ଟ୍ରେନ୍‌ର ଭଡ଼ା ଏକ୍ସପ୍ରେସ ଟ୍ରେନ ଭଡ଼ା ଭଳି ନିଆଯାଉଛି। ଫଳରେ ଏହାକୁ ନେଇ ସଂଘ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହିଭଳି ବିଭିନ୍ନ ସମସ୍ୟା ପାଇଁ ଟ୍ରେନରେ ଯାଉଥିବା ନିୟମିତ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ତେଣୁ ଭଡ଼ା କମାଇବା ପାଇଁ ଦାବି କରାଯାଇଛି। ସେହିପରି କେନ୍ଦୁଝରରୁ ଖୋର୍ଦ୍ଧା ପାସେଞ୍ଜର ଟ୍ରେନ୍ ସବୁ ଷ୍ଟେଶନରେ ରହଣି ଓ ଜଳେଶ୍ୱର-ପୁରୀ ପାସେଞ୍ଜର ଟ୍ରେନ୍‌ର ବଗି ସଂଖ୍ୟା ବଢାଇବା ଆଦି ଦାବି ନେଇ ସଂଘ ପକ୍ଷରୁ ଏହି ଗଣଧାରଣା ଦିଆଯାଇଛି। ଏ ସମ୍ପର୍କିତ ଦାବିପତ୍ର ରେଳ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଛି। ଯଦି ଆଗାମୀ ଦିନରେ ଉକ୍ତ ଦାବି ଉପରେ ରେଳ କର୍ତ୍ତୃପକ୍ଷ ଦୃଷ୍ଟି ନ ଦିଅନ୍ତି ତେବେ ରେଳରୋକୋ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## ବୋଲେରୋ ଭିତରୁ ଯୁବକଙ୍କ ମୃତଦେହ ଜବତ

**ଯୋଡ଼ା, ୨୭।୮ (ମାନସ ମହାନ୍ତି):** ଯୋଡ଼ା ସହରସ୍ଥିତ ମୋହୋତା ହସ୍ପିଟାଲ ନିକଟରେ ଥିବା ଏକ ଗ୍ୟାରେଜରେ ବୋଲେରୋ ଭିତରୁ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକ ବହଳଦା ଗ୍ରାମର ଶିବା। ସେ ଯୋଡ଼ାରେ ରହି ଜଣେ ବ୍ୟକ୍ତିଙ୍କ ଗାଡ଼ି ବୁଝାବୁଝି କରୁଥିଲେ। ଶନିବାର ବିଳମ୍ବିତ ରାତିରେ ଗ୍ୟାରେଜ ସମ୍ମୁଖରେ ଛିଡ଼ା ହୋଇଥିବା ବୋଲେରୋରେ ଶୋଇଥିଲେ। ସକାଳୁ ନ ଉଠିବାରୁ ସ୍ଥାନୀୟ ଲୋକେ ବୋଲେରୋର କବାଟ ଖୋଲି ତାଙ୍କର ମୃତ୍ୟୁ ଘଟିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି।

## ପନ୍ତେଇ ଫେରିଘାଟରେ ବେଆଇନ ନୌକା ଚଳାଚଳ

**ବାଲିଆପାଳ, ୨୭।୮ (ଗୋପାଳ ଚନ୍ଦ୍ର ସାହୁ)** ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଜାମକୁଣ୍ଡା ପଞ୍ଚାୟତର ପନ୍ତେଇ ଫେରି ଘାଟରେ ବେଆଇନ ଭାବେ ନୌକା ଚଳାଚଳ କରୁଛି। ପ୍ରଶାସନ ସବୁ ଜାଣି ମଧ୍ୟ ନୀରବ ରହିଛି। ଯାତ୍ରୀମାନେ ଜୀବନକୁ ବାଜି ଲଗାଇ ନଦୀ ପାର ହେଉଛନ୍ତି। ଯାତ୍ରୀମାନଙ୍କର ସୁରକ୍ଷା ପାଇଁ ଲାଇଫ ଜ୍ୟାକେଟ ମଧ୍ୟ ଦିଆଯାଉନାହିଁ। ପୂର୍ବରୁ ଜାମକୁଣ୍ଡା ପଞ୍ଚାୟତ ଓ ତହସିଲ ପକ୍ଷରୁ ଘାଟ ନିଲାମ ପାଇଁ ସର୍ବସାଧାରଣରେ ନୋଟିସ ଦିଆଯାଇଥିଲା। ମାତ୍ର ସଲାସୁତୁରା ଯୋଗୁ କୌଣସି ଲୋକ ନିଲାମ ନେଲେ ନାହିଁ। ପ୍ରଶାସନ ପକ୍ଷରୁ ଦ୍ୱିତୀୟ ଥର ନିଲାମ ପାଇଁ ନୋଟିସ ହୋଇଥିଲେ ମଧ୍ୟ କେହି ନିଲାମ ନେଇ ନ ଥିଲେ ମଧ୍ୟ ଫେରିଘାଟ ପୂର୍ବବତ୍ ଚାଲିଛି। ଏହି ଫେରି ଘାଟ ବାଲିଆପାଳ ଓ ଭୋଗରାଇ ବ୍ଲକକୁ ସିଧାସଳଖ ସଂଯୋଗ କରୁଥିବାରୁ ଦୈନନ୍ଦିନ ଶହ ଶହ ଲୋକ ନଦୀ ଘାଟ ପାରି ହୋଇଥାନ୍ତି। ବାଲିଆପାଳ ଅଞ୍ଚଳର ବହୁ ବ୍ୟବସାୟୀ ପଶ୍ଚିମବଙ୍ଗର ଦୀଘା, ଦାନ୍ତୁନ, ସାତମାଇଲ, ଏଗ୍ରାକୁ ଜିନିଷ କିଣାବିକା ପାଇଁ ଯାଇଥାନ୍ତି। ବେଆଇନ ନୌକା ଚଳାଚଳ ଯୋଗୁ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶୈବ ପୀଠ ଚନ୍ଦନେଶ୍ୱର, ଭୁଷଣ୍ଡେଶ୍ୱର ବିଜୟ ବାସୁଳୀ ତୀର୍ଥକ୍ଷେତ୍ରକୁ ଏହି ଘାଟ ପାରି ହୋଇ ମଧ୍ୟ ଲୋକେ ଯାଇଥାନ୍ତି। ଏ ବାବଦରେ ବିଡିଓ ବିନୋଦ ଚନ୍ଦ୍ର ପଣ୍ଡାଙ୍କୁ ପଚାରିବାରୁ ବେଆଇନ ନୌକା ଚଳାଚଳ ବନ୍ଦ ନେଇ ଜିଲାପାଳଙ୍କୁ ଅବଗତ କରାଯାଇଛି। ଖୁବଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ଶ୍ୟାମସୁନ୍ଦର ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ମେଳା



ଅତିଥି ପ୍ରକଳ୍ପ ବୁଲି ଦେଖୁଛନ୍ତି।

**ଝୁମ୍ପୁରୀ, ୨୭।୮ (ସରୋଜ ନାୟକ):** ଦଶରଥପୁର ବ୍ଲକ୍ ସୁସୁଆ ପଞ୍ଚାୟତ ଶ୍ୟାମସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟର ଆନ୍ତଃଶ୍ରେଣୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ସରପଞ୍ଚ ବୃନ୍ଦାବନ ସାମଲ ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ପରିଚାଳନା ସମିତି ସଭାନେତ୍ରୀ ସ୍ମିତାଞ୍ଜଳି ବେହେରା, ଶିକ୍ଷକ ସନ୍ତୋଷ କୁମାର ପାଢ଼ୀ ପ୍ରମୁଖ ଯୋଗଦେଇ ଏପରି ବିଜ୍ଞାନ ପ୍ରଦର୍ଶନୀ ଦ୍ୱାରା ଗ୍ରାମାଞ୍ଚଳ ଛାତ୍ରୀଛାତ୍ର ବିଜ୍ଞାନରେ ସେମାନଙ୍କ ପାରଦର୍ଶିତା ଲାଭ କରିପାରିବେ ବୋଲି କହିଥିଲେ। ମେଳାରେ ୩୭ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କୁ ୩ ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା। ୩ୟରୁ୫ମ ଶ୍ରେଣୀ ଗ୍ରୁପ୍‌ରେ ଜୟପ୍ରକାଶ ସାହୁ ପ୍ରଥମ ହୋଇଥିବାବେଳେ ଦ୍ୱିତୀୟରେ ଉଜ୍ଜ୍ୱଳଜ୍ୟୋତି ପଣ୍ଡା ଓ ତୃତୀୟ ସ୍ଥାନ ସାଇ ଶୁଭ୍ରଜ୍ୟୋତି ତ୍ରିପାଠୀ ହାସଲ କରିଥିଲେ। ୬ଷ୍ଠରୁ୮ମ ଗ୍ରୁପ୍‌ରେ ବିଶ୍ୱଜିତ ସୂତାର ପ୍ରଥମ, ସତ୍ୟନାରାୟଣ ବାଇ ଦ୍ୱିତୀୟ ଓ ପ୍ରଜ୍ଞାରାଣୀ ପଣ୍ଡା ତୃତୀୟ ହୋଇଥିଲେ। ସେହିପରି ୯ମ ଓ ୧୦ମ ଗ୍ରୁପ୍‌ରେ ଭାସ୍କର ପଣ୍ଡା ପ୍ରଥମ, ଶୁଭଲକ୍ଷ୍ମୀ ପଣ୍ଡା ଦ୍ୱିତୀୟ ଓ ଅଭିଷେକ ପଣ୍ଡା ତୃତୀୟ ସ୍ଥାନ ହାସଲ କରିଛନ୍ତି। ଏସି ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ସାମଲ, ଫଳପୁର ଉଚ୍ଚ ବିଦ୍ୟାଳୟର ବିକାଶ କୁମାର ସାମଲ ଓ ଭାରତୀ ମହାଲିକ ବିଚାରକଭାବେ କାର୍ଯ୍ୟ ତୁଲାଇଥିଲେ। ଶିକ୍ଷକ ଶତାବ୍ଦୀ ସୌରଭ ଦାସଙ୍କ ତତ୍ତ୍ୱାବଧାନରେ ଏହି ମେଳା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ କିଶୋର କୁମାର ଦାସ, ଶ୍ରୀକାନ୍ତ କୁମାର ଲେଙ୍କା, ପ୍ରସନ୍ନ କୁମାର ବାରିକ, ହିମାଂଶୁ ଶେଖର ରାଉତ, ପ୍ରଭାତ କୁମାର ରାୟ, ପ୍ରଶାନ୍ତ କୁମାର ମହାପାତ୍ର, ନୀଳମାଧବ ସୂତାର, ଶିକ୍ଷୟିତ୍ରୀ ଲିପ୍ସାରାଣୀ ସାମଲ, ପ୍ରମିଳା ପରିଡ଼ା, ରୂପାମୁଦ୍ରା ସାହୁ, ସ୍ନେହଲତା ସେଠୀ, ପୁଷ୍ପାଞ୍ଜଳି ଦାସ, ମାନିନୀ ବେହେରା, ସୁଜାତା ସେଠୀ ଓ ହେମଲତା ସାହୁ ପ୍ରମୁଖ ଯୋଗଦେଇ ମେଳା ପରିଚାଳନାରେ ସହଯୋଗ କରିଥିଲେ।

## ନୀଳାଚଳ କାରଖାନା ପରିସରରେ ରକ୍ତଦାନ ଶିବିର



ଅତିଥି ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରୁଛନ୍ତି।

**କଳିଙ୍ଗନଗର, ୨୭।୮ (ଶୁଭାଶିଷ ରାଉତ):** ନୀଳାଚଳ ଇସ୍ପାତ କାରଖାନା ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରିଲାଏନ୍ସ ଷ୍ଟ୍ରକ୍‌ଚରାଲ, ୱିନ୍‌ଟେକ ଇଞ୍ଜିନିୟର୍ସ ଓ ମୁର୍ଗାପା ୱାଟର ସଲ୍ୟୁସନ୍ସର ମିଳିତ ସହଯୋଗରେ ଆୟୋଜିତ ଏହି ଶିବିରକୁ କାରଖାନାର ୟୁଟିଲିଟି ହେଡ୍ ରାଜକୁମାର ଏଚ.ଜେ. ଉଦ୍‌ଘାଟନ କରିଥିଲେ। ଯାଜପୁର ରୋଡ୍ ରକ୍ତଭଣ୍ଡାର ସହଯୋଗରେ ଅନୁଷ୍ଠିତ ଶିବିରରେ ୪୯ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ହେମନ୍ତ କୁମାର ଦାସ, ସୌମ୍ୟରଞ୍ଜନ ମହାପାତ୍ର, ଆଶୁତୋଷ ନିରାଲା, ଅମନ ସିଂ, ଏମ୍ ଶଙ୍କର୍ ରାଓ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ପିପୁଲ ଆଦିକ, ସ୍ୱାଗତ ଖୁଣ୍ଟିଆ, ପ୍ରଜଳ ମୁଦୁଲି, ଦିନେଶ ନାୟକ, ଲିଙ୍କନ ଦଳେଇ ଓ ଅଞ୍ଜନ ଆଚାର୍ଯ୍ୟ ଶିବିର ପରିଚାଳନା କରିଥିଲେ। ଡାକ୍ତର ସନ୍ତୋଷ ପୃଷ୍ଟି, ସସ୍ମିତ ମଲିକ, ସନ୍ଧ୍ୟାରାଣୀ ଭୁତିଆ, ନିରଞ୍ଜନ ଜେନା, ଏମ.ଆର୍ ଖାନ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। କାରଖାନାର ସୁରକ୍ଷା ମୁଖ୍ୟ ଶିଖର କୌଶିକ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ।

# ମସଜିଦ୍‌ର ଉନ୍ନତୀକରଣ ଦାବି

### ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ମୌଳିକ ସମସ୍ୟା ଉପରେ ଆଲୋଚନାଚକ୍ର

**ବ୍ରହ୍ମବରଦା, ୨୭।୮ (ଯଯାତି କେଶରୀ ବେହେରା):** ରସୁଲପୁର ବ୍ଲକ ଅଧୀନ ବ୍ରହ୍ମବରଦା ପଞ୍ଚାୟତର ବ୍ୟାଙ୍କ ଛକ ନିକଟ ଏସ୍‌ଏସ୍ ପ୍ୟାଲେସଠାରେ ରବିବାର ଅଲ୍ ଓଡ଼ିଶା ମୁସଲିମ ଫେଡେରେଶନ ଆନୁକୂଲ୍ୟରେ ଜିଲାର ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ମୌଳିକ ସମସ୍ୟା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ ଦଫା ଦାବି ଉପରେ ଆଲୋଚନା କରାଯାଇଛି। ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ସହିତ ସଂଖ୍ୟାଲଘୁ କମିଶନ ଗଠନ, ମୁସଲିମ ସମ୍ପ୍ରଦାୟ ଅଞ୍ଚଳରେ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସ୍ଥାପନ, ଖାଲି ପଡ଼ିଥିବା ବିଦ୍ୟାଳୟ, ମହାବିଦ୍ୟାଳୟରେ ଉର୍ଦ୍ଦୁ ଶିକ୍ଷକ ନିଯୁକ୍ତି, ମଦ୍ରଶା, ମସଜିଦର ଉନ୍ନତୀକରଣ, ତଲାକ ହୋଇଥିବା ମହିଳାଙ୍କୁ ସର୍ବନିମ୍ନ ମାସିକ ୫ ହଜାର ଟଙ୍କା ଭତ୍ତା, ପୀର ଆସ୍ଥାନଗୁଡ଼ିକର ନବୀକରଣ ଓ ଗରିବ ମୁସଲମାନ ପରିବାରଗୁଡ଼ିକୁ ସ୍ୱତନ୍ତ୍ର ବାସଗୃହ ପ୍ରଦାନ ସହ ସେମାନଙ୍କ ଝିଅ ବିବାହ ପାଇଁ ୫ ଲକ୍ଷ ଟଙ୍କାର ଆର୍ଥିକ



ଆଲୋଚନାଚକ୍ରରେ ଉପସ୍ଥିତଥିବା ଅତିଥିମାନେ।

ସହାୟତା ପ୍ରଦାନ ପାଇଁ ଦାବି ରଖାଯାଇଛି।

ଫେଡେରେଶନର ସଂଯୋଜକ ସେକ୍ ସଫିକଉଦ୍ଦିନ(ଟାଲି)ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଡ. ହମିଦ ହୋସେନ ମୁଖ୍ୟବକ୍ତାଭାବେ ଯୋଗଦେଇ ମୁସଲମାନ ପରିବାରମାନଙ୍କ ଅବସ୍ଥାକୁ ଦୃଷ୍ଟିରେ ରଖି ଜାତିର ବର୍ଗୀକରଣ କରାଯିବା ଦରକାର ବୋଲି କହିଥିଲେ। ପୂର୍ବତନ କୋରାପୁଟ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ, ବରୀ ନିର୍ବାଚନମଣ୍ଡଳୀର ପୂର୍ବତନ ବ୍ଲକ ଅଧ୍ୟକ୍ଷା ଭାରତୀ ବେହେରା, ପୂର୍ବତନ ଆଇଏଏସ୍ ଅଫିସର ଶରତ ଚନ୍ଦ୍ର ନାୟକ, ଯୁବନେତା ମନୱାର ଖାନ, ଯୁବନେତ୍ରୀ ପ୍ରିୟଦର୍ଶିନୀ ଜେନା, ସାମାଜିକ କର୍ମୀ ମଧୁମିତା ସାମଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନୀଳମଣି ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଂଖ୍ୟାଲଘୁ ସମ୍ପ୍ରଦାୟର ସାମୂହିକ ବିକାଶ, ଅଗ୍ରଗତି ଓ ମୁସଲମାନମାନଙ୍କ ମୌଳିକ ସମସ୍ୟା ଏବଂ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ଏହାର ସମାଧାନ ପାଇଁ ସରକାରଙ୍କ ନିକଟରେ ଉପରୋକ୍ତ ଦାବି ଉପସ୍ଥାପନ କରିଥିଲେ। ମୌଲାନା ହାଫିଜ୍ କୋରାନ ପାଠ କରି ସଭା ଆରମ୍ଭ କରିଥିବାବେଳେ ସାବିର ଅଲ୍ଲି ସ୍ୱାଗତ ଭାଷଣ ଦେଇଥିଲେ। ଜାଭେଦ ଖାନ ଅତିଥି ପରିଚୟ ଦେଇଥିବାବେଳେ ସେକ୍ ଆଲାମ ଧନ୍ୟବାଦ ଦେଇଥିଲେ।

## ୭୫ ବର୍ଷ ପୂର୍ତ୍ତି ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

ମାର୍ଶାଘାଇ,୨୭।୮ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ସରକାରୀ ଉଚ୍ଚବିଦ୍ୟାଳୟ ପ୍ରତିଷ୍ଠାର ୭୫ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଶନିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମାଲକାନଗିରି ପୂର୍ବତନ ଜିଲା ଶିକ୍ଷାଧିକାରୀ ମଧୁସୂଦନ ବେହେରା, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରା, ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ବସନ୍ତିଆ, କାଳନ୍ଦୀ ବେହେରା, ହୃଷୀକେଶ ଲେଙ୍କା, ସୁଦର୍ଶନ ଦାସ, ସମ୍ପାଦକ ଆଇନଜୀବୀ ବିଚିତ୍ରାନନ୍ଦ ବେହେରା, ସହସମ୍ପାଦକ ହିମାଂଶୁ ନାୟକ, ଯୁଗ୍ମ ସମ୍ପାଦକ ପ୍ଳାବନ ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଥିଲେ। ଆସନ୍ତା ଡିସେମ୍ବରରେ ଏହି ଉତ୍ସବ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ଉପଲକ୍ଷେ ଏକ ପତ୍ରିକା ପ୍ରକାଶ ନିମନ୍ତେ ସହମତି ପ୍ରକାଶ ପାଇବା ସହ ଏଥି ନିମନ୍ତେ ଏକ କମିଟି ଗଠନ କରାଯାଇଥିଲା। ପୁରାତନ ଛାତ୍ର ଦେବୀଦତ୍ତ ରଥ, ବଲ୍ଲଭ ନାୟକ, ମନ୍ମଥ ମଲ୍ଲ, ଅଜୟ କର, ଗିରିଶ ବେହେରା, ସୁବ୍ରତ ମନ୍ତ୍ରୀ, ଟିନୁ ମାହେଶ୍ୱରୀ ପ୍ରମୁଖ ଉପସ୍ଥିତ ଥିଲେ।

# କେନାଲରେ ପାଣି: କ୍ଷେତରେ ପହଞ୍ଚୁନି

ପଟ୍ଟାମୁଣ୍ଡାଇ,୨୭।୮ (କଳ୍ପତରୁ ନାୟକ)


କାଡ଼ା ନାଳକୁ ସଫେଇ କରାଯାଇ ନାହିଁ।


କେନାଲ ପାଣି ନ ପହଞ୍ଚିବାରୁ ଉପରମୁଣ୍ଡ ଶୁଖିଲା ପଡ଼ିଛି।

- ଉପର ମୁଣ୍ଡ ଜମି ଶୁଖିଲା ପଡ଼ିଛି
- ଖାଲୁଆ ଜମିରେ ପାଣି ଲହଡ଼ି ମାରୁଛି
- ଡ୍ରେନେଜ ନାଳ ପୋତି ହେଲାଣି
- କାଡ଼ା ନାଳର ସଉା ନାହିଁ

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଚଳିତ ଖରିଫ ଚାଷ ବିଳମ୍ବରେ ଆରମ୍ଭ ହୋଇଛି। ବର୍ଷା ନ ଥିବାରୁ ଚାଷୀ ନାନା ହଇରାଣର ସମ୍ମୁଖୀନ ହେଉଛନ୍ତି। କିଛିଦିନ ପୂର୍ବେ ବର୍ଷା ଯୋଗୁ ଚାଷ କାର୍ଯ୍ୟ ଜୋର ଧରିଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୭୦ରୁ ୭୮ ପ୍ରତିଶତ ଧାନରୁଆ ସରିଥିବା କୃଷି ବିଭାଗ ସୂତ୍ରରୁ ପ୍ରକାଶ । କେନାଲରେ ପାଣି ଥିବାବେଳେ ଏହା କ୍ଷେତକୁ ଯାଇପାରୁନାହିଁ। ମାତ୍ର ଜଳସମ୍ପଦ, ଜଳନିକାଶ, କାଡ଼ା ବିଭାଗର ମନମୁଖି କାର୍ଯ୍ୟ ଯୋଗୁ ଉପର ମୁଣ୍ଡ କ୍ଷେତରେ ପାଣି ପହଞ୍ଚି ନ ଥିବା ବେଳେ ତଳମୁଣ୍ଡରେ ପାଣି ଜମି ରହି ପୋଖରୀର ଭ୍ରମ ସୃଷ୍ଟି କରୁଛି।

କୃଷକ ନେତା ବିଜୟ ଦାସ କହିଛନ୍ତି, ପଟ୍ଟାମୁଣ୍ଡାଇ, ଗୋବରି ସମ୍ପ୍ରସାରିତ କେନାଲ ଓ ତାହାର ଶାଖା କେନାଲଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣରେ ପାଣି ଥାଇ ସୁଦ୍ଧା ପାଣି କ୍ଷେତକୁ ପହଞ୍ଚି ପାରୁନାହିଁ। ଚାଷୀମାନେ ବର୍ଷ ବର୍ଷ ଧରି ଜଳକର ଦେଇ ଆସୁଛନ୍ତି। ମାତ୍ର ମୁଖ୍ୟ କେନାଲର ଅବ୍ୟବସ୍ଥା ତଥା ମରାମତି କାର୍ଯ୍ୟର ଅବହେଳା ହେତୁ ପାଣି କ୍ଷେତକୁ ନ ମାଡ଼ି ଖାଲୁଆ ଜମିରେ ଲହଡ଼ି ମାରୁଛି। ସରକାରୀ ବାବୁମାନଙ୍କୁ ହାତବାରିଶି କରି ପାଣି ପଞ୍ଚାୟତର ସଭାପତି ଓ ସମ୍ପାଦକ ଖରା ମାସରେ ପାଟ କେନାଲ, କାଡା ନାଳ ଏବଂ ଡ୍ରେନେଜ କାମ କରି ଲକ୍ଷାଧିକ ଟଙ୍କା ଆତ୍ମସାତ କରୁଛନ୍ତି। ଅଥଚ ଉପର ମୁଣ୍ଡ ଚାଷ ଜମିକୁ ପାଣି ଯାଉ ନ ଥିବା ବେଳେ ତଳ କ୍ଷେତରେ ପାଣି ଜମି ଧାନ ଫସଲ ପଚି ନଷ୍ଟ ହେଉଛି। ଚାଷୀ ରଞ୍ଜିତ ପ୍ରଧାନ, ସନ୍ତୋଷ ପ୍ରଧାନ, ବିଘ୍ନେଶ୍ୱର ପ୍ରଧାନ, ବିଜୟ କୁମାର ମଲ୍ଲିକ, କାଙ୍ଗାଳୀ ଦାସ, ଅଭୟ ମଲ୍ଲିକ, ସୁରେନ୍ଦ୍ର ପରିଡ଼ା, କୁଞ୍ଜ ବିହାରୀ ନାୟକ, ଉମେଶ ଦାସ, ସତ୍ୟବାନ ପ୍ରଧାନ, ଭରତ ଭଳ, ଭରତ ସାହୁ ପ୍ରମୁଖ କହିଛନ୍ତି, କେନ୍ଦ୍ରାପଡ଼ା ଡ୍ରେନେଜ କଟ୍ ବିଭାଗ ଅଧୀନ ଉଡିକଣ ପାଟରେ ଥିବା ପାଟନାଳି ସବୁ ଦୀର୍ଘବର୍ଷ ହେବ ସ୍ଲୁଇସ ଗେଟ ମରାମତି ଓ ନାଳି ପୁନରୁଦ୍ଧାର ନ ହେବାରୁ ୫ ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ତଳିଆ ଚାଷ ଜମି କ୍ଷତିଗ୍ରସ୍ତ ହେଉଛି। ଫଳରେ ୧୦ଟି ପଞ୍ଚାୟତର ୩୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଚାଷ ପାଇଁ କ୍ଷତିଗ୍ରସ୍ତ ହେଉଛନ୍ତି। ଦୀର୍ଘବର୍ଷ ହେବ ଏହି ପାଟନାଳି ସବୁ ପୋତି ହୋଇଯିବା ଫଳରେ ଜଳ ନିଷ୍କାସନ ନ ହେବା ଯୋଗୁ ଚାଷ ଜମିରେ ପାଣି ଜମି ରହି ଫସଲ ବାରମ୍ବାର ନଷ୍ଟ ହେଉଛି। ଜଳନିକାଶ ବିଭାଗର ବେପରୁଆ କାର୍ଯ୍ୟ ଓ ସରକାରୀ ରାଜକୋଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ୍ୟ ତାହା ଚାଷୀମାନଙ୍କ ହିତରେ ଲାଗି ପାରୁନାହିଁ। ଯଦି ଏପରି ଲାଗି ରହେ ତେବେ ଖାଲୁଆ ଜମିରେ ରୁଆ ହୋଇଥିବା ଧାନତଳି ପାଣିରେ ନଷ୍ଟ ହୋଇଯିବ। ସାମାଜିକ କର୍ମୀ ଜ୍ୟୋତି ପ୍ରକାଶ ପ୍ରଧାନ କହିଛନ୍ତି, ଚକବନ୍ଦୀ ପରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ଚାଷୀମାନଙ୍କ ପାଇଁ ଜଳସେଚନ ଓ ଜଳନିକାଶ ବ୍ୟବସ୍ଥାର ସୁବିଧା କରାଯାଇଥିଲା। ପ୍ରତ୍ୟେକ ଚକକୁ କିଭଳି ପାଣି ପ୍ରବେଶ ଓ ନିଷ୍କାସନ ହୋଇପାରିବ ସେଥିପାଇଁ କାଡା (ସିଏଡି) ନାଳ ଖୋଳା ଯାଇଥିଲା। ବର୍ତ୍ତମାନ କାଡା ନାଳଗୁଡ଼ିକ ସଫେଇ ଓ ରକ୍ଷଣାବେକ୍ଷଣ ଅଭାବରୁ କେତେକ ସ୍ଥାନରେ ପୋତି ହୋଇଗଲାଣି। ଏବେ କାଡା ନାଳ ସମ୍ପୂର୍ଣ୍ଣ ଲୋପ ପାଇ ଚାଲିଥିବା ଦେଖାଯାଇଛି। ଚାଷୀମାନଙ୍କ ଜଳସେଚନ, ନିଷ୍କାସନ ନିମନ୍ତେ ପାଣି ପଞ୍ଚାୟତ ଗଠନ କରାଯାଇଛି। ଶାସକ ଦଳର କର୍ମୀଙ୍କୁ ପାଣି ପଞ୍ଚାୟତର ମୁଖ୍ୟ ଦାୟିତ୍ୱ ଦିଆଯାଇଥିବା ବେଳେ ପାଣି ପଞ୍ଚାୟତ କେବଳ କାଗଜକଲମରେ ଚାଲିଛି। ନା ହେଉଛି ମରାମତି ନା ହେଉଛି ସଫେଇ। ହେଲେ ଲକ୍ଷାଧିକ ଟଙ୍କା ହଡପ କରାଯାଉଥିବା ଅଭିଯୋଗ ଚାଷୀମାନେ କରୁଛନ୍ତି। ପାଣି ପଞ୍ଚାୟତ କାହା ସ୍ୱାର୍ଥରେ କାର୍ଯ୍ୟ କରୁଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଡ୍ରେନେଜ କଟ୍ ବିଭାଗର ଯନ୍ତ୍ରୀ ନିହାର ରାଉତରାୟଙ୍କୁ ପଚାରିବାରେ ପାଟନାଳିର ସଫେଇ କାର୍ଯ୍ୟ ପାଣି ପଞ୍ଚାୟତ କରୁଛି। ମାତ୍ର ପୁନରୁଦ୍ଧାର ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ଏଷ୍ଟିମେଟ୍ ପଠାଯାଇଛି। ଅର୍ଥ ମଞ୍ଜୁର ହେଲେ ଟେଣ୍ଡର ପ୍ରକ୍ରିୟାରେ ପୁନରୁଦ୍ଧାର କାର୍ଯ୍ୟ ହେବ ବୋଲି ସେ କହିଛନ୍ତି।

## ବ୍ରାଉନସୁଗାର କାରବାର ଅଭିଯୋଗରେ ୫ କୋର୍ଟ ଚାଲାଣ


ଗିରଫ ହୋଇଥିବା ୫ ଅଭିଯୁକ୍ତ।

ମାର୍ଶାଘାଇ, ୨୭।୮ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

**୧୦ ଗ୍ରାମ ୭୮୦ ମିଲିଗ୍ରାମ ବ୍ରାଉନ ସୁଗାର, ୩୫ ହଜାର ଟଙ୍କା ଜବତ**

ମାର୍ଶାଘାଇ ଥାନା ଚଣ୍ଡିଖୋଲ-ପାରାଦୀପ ୫୩ ନମ୍ବର ଜାତୀୟ ରାଜପଥ ହଜାରୀ ଛକ ନିକଟରୁ ବ୍ରାଉନସୁଗାର କାରବାର ଅଭିଯୋଗରେ ପୋଲିସ ୫ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ରାପଡ଼ା ଏସଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକ ଏ ସମ୍ପର୍କରେ ବିସ୍ତୃତ ସୂଚନା ଦେଇ କହିଛନ୍ତି ଯେ, ଶନିବାର ସାଢେ ୧୦ଟାରେ ଏସ୍ଆଇ କୌଶଲିକା ରାଉତରାୟ ଓ ଅନ୍ୟ ଷ୍ଟାଫ୍‌ମାନେ ପାଟ୍ରୋଲିଂ କରୁଥିବା ବେଳେ ହଜାରୀ ଛକଠାରେ ଥିବା ଏକ ଜଳଖିଆ ଦୋକାନ ପଛରେ ସନ୍ଦେହଜନକ ଅବସ୍ଥାରେ ୫ ଜଣ ଯୁବକ ଛିଡା ହୋଇଥିବା ଦେଖି ପୋଲିସ ଅଟକି ଥିଲା। ସେମାନେ ପୋଲିସକୁ ଦେଖି ଦୌଡ଼ିବାକୁ ଲାଗିଥିଲେ। ପୋଲିସ ସେମାନଙ୍କୁ ଗୋଡ଼ାଇ ନିକଟସ୍ଥ ଧାନବିଲରୁ ଧରିଥିଲା। ସେମାନଙ୍କୁ ପଚରାଉଚରା କରାଯିବାରୁ ସେମାନେ ବ୍ରାଉନସୁଗାର କିଣା ଓ ବିକାରେ ସମ୍ପୃକ୍ତ ଥିବା ସ୍ୱୀକାର କରିଥିଲେ। ସେମାନଙ୍କଠାରୁ ୧୦ ଗ୍ରାମ ୭୮୦ ମିଲିଗ୍ରାମ ବ୍ରାଉନ ସୁଗାର, ୩୫ ହଜାର ଟଙ୍କା, ଏକ କାର, ଏକ ବାଇକ୍ ଓ ଗୋଟିଏ ସ୍କୁଟି ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ସୁଜନପୁର ଗ୍ରାମର ଦୀପକ ମଲ୍ଲିକ ଓରଫ ବଳିଆ, ଆନ୍ଧ୍ରପ୍ରଦେଶ ବିଶାଖାପାଟଣା ଜିଲା ନାକାପାଲି ଥାନା ଅନ୍ତର୍ଗତ ଅମଲାପୁରମ ଗ୍ରାମର ଦଶାରୀ ନାୟକ, ଯିଏକି ବର୍ତ୍ତମାନ ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ଷଣ୍ଢକୁଦରେ ରହୁଛନ୍ତି। ସେହିପରି ମାର୍ଶାଘାଇ ଥାନା ଅନ୍ତର୍ଗତ ଦୁମୁକା ଗ୍ରାମର ଆଲୋକ ମଲ୍ଲିକ ଓରଫ କାଳିଆ, ଜମ୍ମୁ ମେରାଇନ ଥାନା ଅନ୍ତର୍ଗତ ଛପାଲି ଗ୍ରାମର ସାଗର ପୋଦାରାଓ, ମାର୍ଶାଘାଇ ଥାନା ଅନ୍ତର୍ଗତ ଦୁମୁକା ଗ୍ରାମର ରଞ୍ଜନ ମଲ୍ଲିକ ଓରଫ ରଞ୍ଜିଆ। ଅଭିଯୁକ୍ତ ଦୀପକ ଓ ସାଗର ନାମରେ ପାରାଦୀପ ଥାନାରେ ୪ଟି ଲେଖାଏ ମାମଲା ଥିବା ପୋଲିସ ସୂଚନା ଦେଇଛି। ଥାନାରେ ନଂ. ୪୬୫/୨୩ରେ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରାଯାଇ ସେମାନଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି। ଏହି ସମ୍ମିଳନୀରେ ମାର୍ଶାଘାଇ ଥାନା ଆଇଆଇସି ପ୍ରଜ୍ଞା ପାରମିତା ଜେନା ଓ ଏସ୍ଆଇ କୌଶଲିକା ରାଉତରାୟ ଉପସ୍ଥିତ ଥିଲେ।

## ସଂଯୋଗୀକରଣ ରାସ୍ତା ଅଧାପନ୍ତରିଆ

ଡେରାବିଶ,୨୭।୮ (ବେବର୍ତ୍ତା ଅଜୟ ଦାସ)


ରାସ୍ତା ଉପରକୁ ବୋହି ଆସିଥିବା ବାଲି ମାଟି।

**ଗ୍ରାମ୍ୟ ଉନ୍ନୟନ ବିଭାଗର ବେପରୁଆ ନୀତି**

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଗୋଲରାହାଟ ଦେଇ ଯାଇଥିବା ଗୋଲରାହାଟ-ଛୋଟି ରାସ୍ତାଟି ବ୍ଲକ ଅଞ୍ଚଳର ମୁଖ୍ୟ ରାସ୍ତା। ଏହି ରାସ୍ତାର ଗୋଲରାହାଟ ଦେଇ ଯାଇଥିବା ୧୬ ନଂ. ଡ୍ରେନେଜ କଟ୍ ଉପରେ ଥିବା ସେତୁଟି ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ୨୦୨୦ରେ ଅଞ୍ଚଳବାସୀଙ୍କ ଦାବିକୁ ଦୃଷ୍ଟିରେ ରଖି ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ ଏହି ଡ୍ରେନେଜ କଟ୍‌ରେ ନୂତନ ସେତୁର ଶିଳାନ୍ୟାସ କରିଥିଲେ। ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏହି ସେତୁ ନିର୍ମାଣ ପାଇଁ ଟେଣ୍ଡର କରାଯାଇ ଜଣେ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା। ତେବେ ସେତୁ ନିର୍ମାଣ ସରିବାର ଇତିମଧ୍ୟରେ ୨ ବର୍ଷ ବିତି ଗଲାଣି। ସେତୁକୁ ସଂଯୋଗ କରୁଥିବା ରାସ୍ତାର ଉଭୟପାର୍ଶ୍ୱରେ ଠିକାଦାର ଜଣକ କିଛି ବାଲି ଓ ମାଟି ପକାଇ ଦେଇ ଅଧାପାନ୍ତରିଆ ଭାବେ କାର୍ଯ୍ୟଟିକୁ ବନ୍ଦ କରି ଦେଇଛନ୍ତି। ଫଳରେ ଏହି ରାସ୍ତା ପାଇଁ ସମସ୍ୟା ପାଲଟିଛି ପଡ଼ିଥିବା ବାଲି ଓ ମାଟି। ଅସରାଏ ବର୍ଷା ହେଲେ ସଂଯୋଗୀକରଣ ରାସ୍ତାରୁ ବାଲିମାଟି ରାସ୍ତାକୁ ଧୋଇ ହୋଇ ଆସୁଥିବାରୁ ଯାନବାହାନଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ଯାଏ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଯାଏ। କିଛିଦିନ ଧରି ବର୍ଷା ଲାଗି ରହିଥିବା ବେଳେ ସଂଯୋଗୀକରଣ ରାସ୍ତାରୁ ମୁଖ୍ୟରାସ୍ତାକୁ ବାଲି ଓ ମାଟି ବୋହି ଆସିବା ଫଳରେ ୪ ଦିନ ଧରି ରାସ୍ତାଟି ସମ୍ପୂର୍ଣ୍ଣ କାଦୁଅ ହୋଇ ରହିଛି। ଏହି କାଦୁଅ ରାସ୍ତାରେ ଛୋଟବଡ଼ ଦୁର୍ଘଟଣା ଘଟି କିଛି ଲୋକ ଆହାତ ହୋଇ ସାରିଲେଣି। ଏ ବିଷୟରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ରାଜେଶ ପ୍ରଧାନଙ୍କୁ ପଚାରିବାରେ ଦିନେ ଦୁଇଦିନ ମଧ୍ୟରେ ଘଟଣାସ୍ଥଳକୁ ଯାଇ ତନଖି କରିବା ପରେ ଯାହା କିଛି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ଫାଇନାଲରେ କନିକା ଟାଇଟାନିକ୍ସ

ରାଜକନିକା,୨୭।୮ (ସଞ୍ଜୟ କୁମାର ଦାଶ)

**ପ୍ରଥମ ରାଜକନିକା ପ୍ରିମିୟର ଲିଗ୍ ଫୁଟବଲ**

ରାଜକନିକା ଆଥଲେଟିକ୍ ଆସୋସିଏଶନ ପକ୍ଷରୁ ଆର୍‌ଏନ୍ ହାଇସ୍କୁଲ ମିନି ଷ୍ଟଡିୟମଠାରେ ଚାଲୁଥିବା ପ୍ରଥମ ରାଜକନିକା ପ୍ରିମିୟର ଲିଗ ଫୁଟବଲ ଟୁର୍ନାମେଣ୍ଟର ରବିବାର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। କନିକା ୱାରିଅର୍ସ ବନାମ କନିକା ଟାଇଟନିକ୍ସ ମଧ୍ୟରେ ଅନୁଷ୍ଠିତ ଏହି ମ୍ୟାଚରେ କନିକା ଟାଇଟନିକ୍ସ ୪-୨ ଟାଏବ୍ରେକର ମାଧ୍ୟମରେ ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଖେଳଟି ଗୋଲ ଶୂନ୍ୟ ଭାବେ ଶେଷ ହେବାରୁ ଟାଏବ୍ରେକର ସହାୟତା ନିଆଯାଇଥିଲା। ଖେଳରେ ମୁଖ୍ୟଅତିଥି ଭାବେ ରାଜ୍ୟ ଦନ୍ତ ପରିଷଦର ସଭାପତି ଡା. ଆଶିଷ କୁମାର ବାରିକ ଯୋଗଦେଇ ବିଜେତା ଦଳର ଗୋଲ ରକ୍ଷକ ପ୍ରଦୀପ କୁମାର ଦାସଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ଆସୋସିଏଶନର ଉପସଭାପତି ତଥା ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କପିଳେନ୍ଦ୍ର ମଲ୍ଲିକ, ପ୍ରଧାପକ ବୈକୁଣ୍ଠନାଥ ପରିଡା, ଯୁଗ୍ମ ସମ୍ପାଦକ ଡ. ଫକୀର ଚନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ଦେବେନ୍ଦ୍ର ନାୟକ ଓ ମିଡ଼ିଆ ସେଲ ସମ୍ପାଦକ ଅଜୟ କୁମାର ରାଉତ, କାର୍ଯ୍ୟକାରୀ ସଦସ୍ୟ ଗୋଲକ ବିହାରୀ ମଲ୍ଲିକଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ସୁଦୀପ କୁମାର ଦାସ ଖେଳ ପରିଚାଳନା କରିଥିବା ବେଳେ, ପ୍ରଦୀପ କୁମାର ମହାନ୍ତି, ଅମର କୁମାର ଜେନା ଓ ଶରତ କୁମାର ଜେନା ପ୍ରମୁଖ ସହଯୋଗ କରିଥିଲେ। ସମ୍ପାଦକ ପ୍ରାଣବନ୍ଧୁ ରାଉତ ମ୍ୟାଚ କମିଶନର କାର୍ଯ୍ୟ ତୁଲାଇ ଥିଲେ।


ଗୋଲ ରକ୍ଷକଙ୍କୁ ଅତିଥିମାନେ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

## ତୃଣମୂଳ ସ୍ତରରୁ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରାଯିବ


ବୈଠକରେ କଂଗ୍ରେସ ନେତାମାନେ।

ଡେରାବିଶ, ୨୭।୮ (ବେବର୍ତ୍ତା ଅଜୟ ଦାସ)

**ଡେରାବିଶ ବ୍ଲକ କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ**

କେନ୍ଦ୍ରାପଡ଼ା ଜିଲା ପାଟକୁରା ନିର୍ବାଚନମଣ୍ଡଳୀ ଡେରାବିଶ ବ୍ଲକ ଅନ୍ତର୍ଗତ ଗୁଆଳାସିଂ ପଞ୍ଚାୟତ ଠାକୁରହାଟଠାରେ ରବିବାର ବ୍ଲକ କଂଗ୍ରେସ କମିଟିର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ପାଟକୁରାର ଯୁବ କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜୟଦେବ ପରିଡା, ରାଜୀବ ଲୋଚନ ମିଶ୍ର, ଅନନ୍ତ ଚରଣ ପାତ୍ର, ଗରଦପୁର ବ୍ଲକ କଂଗ୍ରେସ ସଭାପତି ଜ୍ୟୋତି ରଞ୍ଜନ ପରିଡାଙ୍କ ସମେତ ବ୍ଲକର ୨୬ ପଞ୍ଚାୟତର ବହୁ ବରିଷ୍ଠ କଂଗ୍ରେସ ନେତା ଉପସ୍ଥିତ ଥିଲେ। ସେମାନେ ୱାର୍ଡ, ବୁଥ୍‌ଠାରୁ ଆରମ୍ଭ କରି ବ୍ଲକ ପର୍ଯ୍ୟନ୍ତ ସାଙ୍ଗଠନିକ କାର୍ଯ୍ୟକ୍ରମ ସୁଦୃଢ ବିଷୟରେ ନିଜର ମତ ପୋଷଣ କରିଥିଲେ। ପାଟକୁରା ଯୁବ କଂଗ୍ରେସ ନେତା କାନୁନ୍‌ଗୋ ତୃଣମୂଳସ୍ତରରୁ ଦଳୀୟ ସଙ୍ଗଠନକୁ କିପରି ସୁଦୃଢ କରାଯିବ ସେ ବିଷୟରେ ସମସ୍ତ ସଦସ୍ୟମାନଙ୍କୁ ବୁଝାଇବା ସହ କଂଗ୍ରେସ କର୍ମୀମାନଙ୍କୁ ଏକାଠି ହୋଇ ଲଢ଼ିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିସହ ଆସନ୍ତା ମାସରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ମହିଳା ସମାବେଶ, ସଂଖ୍ୟାଲଘୁ ସମାବେଶ, ଦଳିତ ସମାବେଶ ସହ କଂଗ୍ରେସର ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ପାଟକୁରା ଗସ୍ତକୁ କିପରି ସଫଳ କରାଯିବ ସେ ବିଷୟରେ ଆଲୋଚନା କରିଥିଲେ। କଂଗ୍ରେସ ନେତା କାନୁନ୍‌ଗୋଙ୍କ ଉପରେ ଭରସା ରଖି ଭାଜପା, ବିଜେଡି ଛାଡ଼ି ବୈଠକରେ ଦାନପୁର ପଞ୍ଚାୟତରୁ ଶରତ ବେହେରା, ଅନନ୍ତ ଚରଣ ଜେନା, ମୋନାଲିସା ସେଠୀ ବିଧିବଦ୍ଧ ଭାବେ କଂଗ୍ରେସରେ ମିଶିଥିବା ବେଳେ ଗୋଲାରାହାଟ ପଞ୍ଚାୟତରୁ ସୋଲା ଚାଟା, ସଦାନନ୍ଦ ମଲିକ ଓ ଗୁଆଳାସିଂ ପଞ୍ଚାୟତରୁ ସେକ ମୋତି ଓ ସୁରେନ୍ଦ୍ର କୁମାର ସାହୁ ଯୋଗ ଦେଇଥିଲେ। ଶେଷରେ ଚାନ୍ଦୋଳ ପଞ୍ଚାୟତର ପୂର୍ବତନ ସରପଞ୍ଚ କୈଳାସ ନାୟକ ଧନ୍ୟବାଦ ଦେଇଥିଲେ।

# ଶିଳାନ୍ୟାସକୁ ୨୦ବର୍ଷ ବିତିଲା: ଭାଟେଣି ଭଗ୍ନ ସ୍ଲୁଇସ୍ କାମ ହେଉନି

ମହାକାଳପଡ଼ା,୨୭।୮ (ପ୍ରତାପ ଚନ୍ଦ୍ର ସ୍ୱାଇଁ)



୨୦୦୩ରେ ମୁଖ୍ୟମନ୍ତ୍ରୀଙ୍କ ଶିଳାନ୍ୟାସର ସୂଚନାଫଳକ।


ଗୋବରୀ ନଦୀ ମାଉଥ-୧ ଶାଖା ଯୋର ଭାଟେଣିଠାରେ ଭଗ୍ନ ସ୍ଲୁଇସ୍ ।

- ପଙ୍କୁଆ, ସାମୁଦ୍ରିକ ଜୁଆର ସ୍ରୋତ, ବୈଷୟିକ ତ୍ରୁଟି ରହିଛି
- ଠିକଣା ସ୍ଥାନ ନିରୂପଣ ନିଷ୍ପତ୍ତି ବଦଳିବା ମୁଖ୍ୟ କାରଣ
- ଯୋର ଜଳସେଚନ ପ୍ରକଳ୍ପ ଅଧୁରା
- ମହାକାଳପଡ଼ା-ପଟ୍ଟାମୁଣ୍ଡାଇ ଅଞ୍ଚଳର ୨୨ରୁ ଊର୍ଦ୍ଧ୍ୱ ପଞ୍ଚାୟତ ଚାଷୀଙ୍କ ସ୍ୱପ୍ନ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଓ ପଟ୍ଟାମୁଣ୍ଡାଇ ବ୍ଲକର ୨୩ ହଜାରରୁ ଅଧିକ ଏକର ଚାଷ ଜମି ଓ ୨୨ରୁ ଊର୍ଦ୍ଧ୍ୱ ପଞ୍ଚାୟତର ଚାଷୀଙ୍କ ପାଇଁ ଯୋର ଜଳସେଚନ ପ୍ରକଳ୍ପ ମାଧ୍ୟମରେ ମଧୁର ଜଳ ଗଚ୍ଛିତ ରଖିବା, ଉଠା ଜଳସେଚନ ମାଧ୍ୟମରେ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଥିଲେ। ଏହି ୨ ବ୍ଲକର ସ୍ଥାନୀୟ ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମହାକାଳପଡ଼ା ବ୍ଲକ ଜମ୍ବୁ ପଞ୍ଚାୟତର ଭାଟେଣୀସ୍ଥିତ ନରେନ୍ଦ୍ର ନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖ ଗୋବରୀ ନଦୀ ଶାଖା ଯୋର ୩ ମୁହାଣୀ ମାଉଥ-୧ ଠାରେ ୨୦୦୩ ଜୁଲାଇ୧୯ରେ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ପରେ ନାବାର୍ଡ ଆର୍ଥିକ ସହାୟତାରେ ରାଜ୍ୟ ଜଳ ସମ୍ପଦ ବିଭାଗ କେନ୍ଦ୍ରାପଡ଼ା ଡିଭିଜନ ପକ୍ଷରୁ ୨ କୋଟି ୪୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସ୍ଲୁଇସ୍ କ୍ରିକ୍ ନିର୍ମାଣ ଆରମ୍ଭ ହୋଇଥିଲା। ସାମୁଦ୍ରିକ ଲୁଣା ପାଣି ଏହି କ୍ରିକ୍ ଦ୍ୱାରା ଅଟକିବ ବୋଲି କୁହାଯାଇଥିଲା। କିନ୍ତୁ ଏହି ପ୍ରକଳ୍ପ ନିର୍ମାଣାଧୀନ ଅବସ୍ଥାରେ ୨୦୦୫ ଅକ୍ଟୋବର ୨୦ରେ କ୍ରିକ୍ ମଧ୍ୟସ୍ଥଳ ପିଲାର ଦବିବା ସହ ଭୁଶୁଡ଼ି ପଡ଼ିଥିଲା। ସେହି ସମୟରେ ଦାୟିତ୍ୱରେ ଥିବା ପଟ୍ଟାମୁଣ୍ଡାଇ ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀଙ୍କୁ ନିଲମ୍ବିତ କରାଯାଇଥିଲା। ଏହି ପ୍ରକଳ୍ପର କେନ୍ଦ୍ରାପଡ଼ା ଡିଭିଜନ ନିର୍ବାହୀ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ଉପରେ ବିଭାଗୀୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ବୁଦ୍ଧିଜୀବୀଙ୍କ କହିବା କଥା ପ୍ରକଳ୍ପଟି ଭୁଶୁଡ଼ିବାରେ ଅନେକ କାରଣ ରହିଛି। ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ସର୍ଭେ ସମୟରେ ବେଣାକନ୍ଧା ପ୍ରକଳ୍ପ ଠିକଣା ସ୍ଥାନ ନିରୂପଣ ହୋଇଥିଲା। ପରେ ବିଭାଗ ନିଷ୍ପତ୍ତି ବଦଳାଇ ପଙ୍କୁଆ ଓ ଗଭୀର ସ୍ଥାନ ଭାଟେଣିରେ ସ୍ଥିର ହେବା, ପ୍ରକଳ୍ପର ପ୍ରସ୍ତୁତିରେ ବୈଷୟିକ ତ୍ରୁଟି, ଡିଜାଇନ୍ ପରିବର୍ତ୍ତନ ଓ ଠିକ୍ ସ୍ଥାନରେ ନିର୍ମାଣ ନ ହେବା, ଗଭୀର ସାମୁଦ୍ରିକ ଜୁଆର ସ୍ରୋତ, ପଙ୍କୁଆ ମାଟି ଯୋଗୁ ଏହି ଅବସ୍ଥା ଘଟିଥିଲା ବୋଲି ସ୍ଥାନୀୟ ଲୋକଙ୍କ ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷରେ ଏହି ପ୍ରକଳ୍ପ ସ୍ଥାନୀୟ ନିକଟ (ପ୍ରକୃଷ୍ଟ ସ୍ଥାନ ବେଣାକନ୍ଧା ବଜାର) ନିକଟରେ ପ୍ରସ୍ତାବିତ ନିର୍ମାଣ ହୋଇଥିଲେ ସେ ସମୟରେ ଭୁଶୁଡ଼ି ନ ଥାନ୍ତା ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

ଚାଷୀ ତ୍ରିଲୋଚନ ସ୍ୱାଇଁ, ଭିକାରୀ ରାଉତ, ରତ୍ନାକର ନାୟକ, ପ୍ରଭାକର ନାୟକ, ସୌରି ଚରଣ ସାହୁ ପ୍ରମୁଖ କହିଛନ୍ତି, ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ପଟ୍ଟାମୁଣ୍ଡାଇ ବ୍ଲକର ଅଠରବାଟିଆ, ନରସିଂହପୁର, ଗଗୁଆ, କୁପୁଣି ଆଦି ଅଞ୍ଚଳ ପର୍ଯ୍ୟନ୍ତ ଓ ମହାକାଳପଡ଼ା ବ୍ଲକର ବଳିପାଳ, ନାଞ୍ଚୁରା, ବିଜୟନଗର, ଗଗୁଆ, ବଡିଡ଼ି ସମେତ ୨୨ରୁ ଅଧିକ ପଞ୍ଚାୟତରେ ଉଠା ଜଳସେଚନ ମାଧ୍ୟମରେ ମଧୁର ଜଳସେଚନ ହୋଇଥାନ୍ତା। ଉଭୟ ଖରିଫ୍, ରବି ଫସଲ ଓ ବିଭିନ୍ନ ପ୍ରକାର ପନିପରିବା ଚାଷ ଚାଷୀଙ୍କ ଆର୍ଥିକ ବିକାଶ ହୋଇ ପାରିଥାନ୍ତା। ଏହି ନଦୀରେ ସାମୁଦ୍ରିକ ଲୁଣା ଜଳ ପ୍ରବେଶ ନ କରିବା ପାଇଁ ଏହି ବୃହତ୍ ଯୋର ଜଳସେଚନ ପ୍ରକଳ୍ପଟିର ୪ପାର୍ଶ୍ୱରେ ତନ୍ତିଆପାଳ, ବିଜୟନଗରଠାରେ କ୍ରିକ୍ ନିର୍ମାଣ ହୋଇଥିଲା। ଏହି ଭାଟେଣି କ୍ରିକ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଶେଷ ହୋଇଥିଲେ ମାଳିବସା ଯୋର ଦେଇ ମଧୁର ଜଳ ୨ ବ୍ଲକର ୨୨ଟି ପଞ୍ଚାୟତର ୨୩ ହଜାର ଏକର ଜମିରେ ଉଭୟ ଖରା ଓ ବର୍ଷା ଦିନେ ଉଠା ଜଳସେଚନ ମାଧ୍ୟମରେ ଚାଷ କାର୍ଯ୍ୟ ବେଶ୍ ସୁରୁଖୁରୁରେ ହୋଇଥାନ୍ତା। ଚଳିତ ଖରିଫ୍ ଋତୁରେ ମୌସୁମୀ ବର୍ଷାର ଅନିୟମିତତା, ନଦୀରେ ସମୁଦ୍ରର ଲୁଣା ପାଣି ନେଇ ଚାଷ କାର୍ଯ୍ୟ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି ବୋଲି ଚାଷୀମାନେ କହିଛନ୍ତି। ସେହିପରି ତନ୍ତିଆପାଳ ସ୍ଲଇସ କ୍ରିକ୍ ନିର୍ମାଣରେ ୧ କୋଟି ୭୫ ଲକ୍ଷ ଟଙ୍କା ଓ ବିଜୟନଗର ସ୍ଲୁଇସ୍ କ୍ରିକ୍ ନିର୍ମାଣରେ ଏକ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ମାତ୍ର ଭାଟେଣି କ୍ରିକ୍ ଭୁଶୁଡ଼ିବା ଯୋଗୁ ଏହି ଯୋର ଜଳସେଚନ ପ୍ରକଳ୍ପ ଅଧାପନ୍ତରିଆ ହୋଇଯାଇଛି। ଏହି ଭଗ୍ନ ସ୍ଲୁଇସ୍ ଉପରେ ବାଉଁଶ ଚାର ପାର ହୋଇ ବଗଗହଣ, ପଙ୍କପାଳ ଗ୍ରାମର ଛାତ୍ରୀଛାତ୍ରମାନେ ନିକଟ ଭାଟେଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ବେଣାକନ୍ଧାସ୍ଥିତ ଉଚ୍ଚ ବିଦ୍ୟାଳୟକୁ ପାଠ ପଢ଼ିବାକୁ ଯାଆନ୍ତି ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ଏ ସଂକ୍ରାନ୍ତରେ କେନ୍ଦ୍ରାପଡ଼ା ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରେ ଏହି ଭାଟେଣି ଯୋର ଜଳସେଚନ ପ୍ରକଳ୍ପ ପୁନଃନିର୍ମାଣ ପାଇଁ ବିଭାଗ ପକ୍ଷରୁ କୌଣସି ପ୍ରସ୍ତାବ ନ ଥିବା ସେ କହିଛନ୍ତି।

## ସଂକ୍ଷେପରେ

### କ୍ରୀଡ଼ାଙ୍ଗନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଚାନ୍ଦିପୁଟ,୨୭।୮(କେ ପ୍ରମୋଦ କୁମାର ଦୋରା)

ମୋହନା ବ୍ଲକର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଶିକୁଲିପଦରଠାରେ ଗଜପତି ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ ପ୍ରକାରେ ବ୍ଲକ ସ୍ତରୀୟ କ୍ରୀଡ଼ାଙ୍ଗନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ରୂପେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବାଳକୃଷ୍ଣ ବାଘସିଂହ ଯୋଗଦେଇଥିଲେ। ସଞ୍ଜୟ କୁମାର ପାତ୍ର, ଜି. ସନ୍ତୋଷ ଦୋରା, ବିକାଶ ପାଣିଗ୍ରାହୀ ମାଷ୍ଟର ଟ୍ରେନର ଭାବେ ଶିକ୍ଷା ଦାନ ଦେଇଥିଲେ। ବ୍ଲକର ୨୮ଟି ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣ ଶିବିର ୨୪ଠାରୁ ୨୬ତାରିଖ ଯାଏ ୩ ଦିନ ଧରି ହୋଇଥିଲା। ଏହି ପ୍ରଶିକ୍ଷଣ ଶିବିରକୁ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଶିକୁଲିପଦରର କ୍ରୀଡ଼ା ଶିକ୍ଷକ ଏମ୍ ରାଜେନ୍ଦ୍ର କୁମାର ଦୋରା ପରିଚାଳନା କରିଥିଲେ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଶେଷରେ ମାଷ୍ଟର ଟ୍ରେନର ସଞ୍ଜୟ କୁମାର ପାତ୍ର ଉଦ୍‌ଯାପିତ ଅଭିବାଦନ ଜଣାଇଥିଲେ।

### ସ୍ନାତକୋତ୍ତର ଓଡ଼ିଆ ବିଭାଗର ପାଠଚକ୍ର

ଚିକିଟି,୨୭।୮(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟିଗଡ଼ସ୍ଥିତ ମହାବିଦ୍ୟାଳୟ ପରିସରରେ ଶନିବାର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ଆଦିବାସୀ ସଂସ୍କୃତି ସମ୍ପର୍କିତ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡା. ଭବାନୀ ପ୍ରସାଦ ପଣ୍ଡା ଏହି ସଭାରେ ସଭାପତିତ୍ୱ କରିଥିଲେ। ବିଭାଗର ଛାତ୍ର ତୋଫାନ କୁମାର ସାହୁ 'ଆଦିବାସୀ ସଂସ୍କୃତି' ଶୀର୍ଷକ ପ୍ରବନ୍ଧ ପାଠ କରିଥିଲେ। ବିଭାଗ ମୁଖ୍ୟ ଡକ୍ଟର ସଞ୍ଜୟ କୁମାର ପଣ୍ଡା ପ୍ରବନ୍ଧଟିକୁ ସମୀକ୍ଷା କରିଥିଲା ବେଳେ ଶୁଭଲକ୍ଷ୍ମୀ, ସୋନାଲି, ଚିନ୍ମୟୀ, ସନ୍ଧ୍ୟା ପ୍ରମୁଖ ବିଦ୍ୟାର୍ଥୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ବିଭାଗର ଅଧ୍ୟାପକ ଡା. ବିଶ୍ୱନାଥ ପାଣିଗ୍ରାହୀ, ପ୍ରକାଶ ବେହେରା, ଡ. ବାବୁଲି ବେହେରା, ଡ. ବୀର କିଶୋର ଭୂୟାଁ ପ୍ରମୁଖ ମଞ୍ଚାସୀନ ଥିଲେ। ସମସ୍ତ ଛାତ୍ରୀଛାତ୍ର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ବେଳେ ଶେଷରେ ଛାତ୍ରୀ ଚିନ୍ମୟୀ ଦିଗାଲ ଧନ୍ୟବାଦ ଅର୍ପଣ କରିଥିଲେ।

### ଚାରା ରୋପଣ କାର୍ଯ୍ୟକ୍ରମ

ସୋରଡ଼ା,୨୭।୮(ଲମ୍ବୋଦର ପାଣିଗ୍ରାହୀ)

ସୋରଡା ବ୍ଲକ ଅନ୍ତର୍ଗତ ଅମୃତୁଲୁ ପଞ୍ଚାୟତର ପୂର୍ବତନ ସରପଞ୍ଚ କାଶୀନାଥ ସ୍ୱାଇଁଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ଚାରାରୋପଣ ଏବଂ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ସୋରଡ଼ା ଉପ ବନାଞ୍ଚଳ ଅଧିକାରୀ ଜିତେନ୍ଦ୍ର କୁମାର ରାଉତ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଗ୍ରାମବାସୀଙ୍କ ମଧ୍ୟରେ ପରିବେଶ ପ୍ରତି ସଚେତନତା କରିବା ବୋଲି ସ୍ୱର୍ଗତ ସ୍ୱାଇଁଙ୍କ ପୁତ୍ର ପ୍ରସନ୍ନ କୁମାର ସ୍ୱାଇଁ କହିଛନ୍ତି। କାର୍ଯ୍ୟକ୍ରମକୁ ବୃନ୍ଦାବନ ସ୍ୱାଇଁ, ଜୁଗଲ ଦଳବେହେରା, ସନ୍ତୋଷ ସ୍ୱାଇଁ, କାମେଶ୍ୱର ଗୌଡ, ଗୋପୀନାଥ ସ୍ୱାଇଁ, ଭଗବାନ ଗୌଡ, ରବିନ୍ଦ୍ର ସ୍ୱାଇଁ, ସାଗର ପାଳ ସହଯୋଗ କରିଥିଲେ।

### ପୁରାତନ ଛାତ୍ରୀଛାତ୍ରଙ୍କ ନୂତନ କମିଟି ଗଠନ

ପୋଲସରା,୨୭।୮(ସୁବ୍ରତ ବେହେରା)

ପୋଲସରା ବ୍ଲକ ଅନ୍ତର୍ଗତ ବେଲଗାଁ ପଞ୍ଚାୟତ ମଧୁସୂଦନପୁର ଗ୍ରାମରେ ଥିବା କନକ ଦୁର୍ଗା ବିଦ୍ୟାପୀଠ ସ୍କୁଲ ପରିସରରେ ପ୍ରଧାନ ଶିକ୍ଷକ ଭାବଗ୍ରାହୀ ପୋଲାଇଙ୍କ ଅଧ୍ୟକ୍ଷତାରେ ରବିବାର ସ୍କୁଲର ପୁରାତନ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସ୍କୁଲର ବିଭିନ୍ନ ସମସ୍ୟା ଓ ଉନ୍ନତି ପାଇଁ ଆଲୋଚନା କରିବା ସହିତ ପୁରାତନ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ନୂତନ ଆଲୁମିନି କମିଟି ଗଠନ କରାଯାଇଛି। ନୂତନ କମିଟିର ସଭାପତି କବିରାଜ ସାହୁ, ଉପ ସଭାପତି ମନୋଞ୍ଜନ ସାହୁ, ସମ୍ପାଦକ ଅମିତ ସାହୁ, ଯୁଗ୍ମ ସମ୍ପାଦକ କୃଷ୍ଣ ଚନ୍ଦ୍ର ସାହୁଙ୍କୁ ମନୋନୀତ କରିଥିବା ବେଳେ କମିଟିର ଉପଦେଷ୍ଟା ଭାବେ ସ୍ଥାନୀୟ ସରପଞ୍ଚ ମନୋଜ କୁମାର ପ୍ରଧାନ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭାବଗ୍ରାହୀ ପୋଲାଇଙ୍କୁ ମନୋନୀତ କରିଥଲେ। ଉକ୍ତ କମିଟିର ସଦସ୍ୟ ଭାବେ କେଦାର ସାହୁ, ପ୍ରସନ୍ନ କୁମାର ସାହୁ, ସୁଦାମ ସାହୁ, ସୁଶାନ୍ତ କୁମାର ସାହୁ, ନିକୁଞ୍ଜ ସାହୁ, ସୁରଥ ଖଣ୍ଡୁଆଳ, ଉତ୍ସବ ପ୍ରଧାନ, ଅକ୍ଷୟ ପ୍ରଧାନ, ସଞ୍ଜୟ ସାହୁ, ବଳରାମ ବେହେରା, ପ୍ରଦୀପ ପ୍ରଧାନ, ସୁଶାନ୍ତ ପୋଲେଇଙ୍କୁ ମନୋନୀତ କରାଯାଇଥିଲା।

# ଶିକ୍ଷା, ସ୍ୱାସ୍ଥ୍ୟ ଗବେଷଣା ପାଇଁ ଦୁର୍ଗମ ଅଞ୍ଚଳ ଚୟନ

- ଇଣ୍ଟର୍ନଶିପ ପାଇଁ ଦାରିଙ୍ଗବାଡ଼ିକୁ ବିଦ୍ୟାର୍ଥୀଙ୍କ ପସନ୍ଦ
- ସ୍ୱାସ୍ଥ୍ୟ ସମ୍ପର୍କିତ ଶିକ୍ଷା ପାଇଁ ୫ ଛାତ୍ରୀଛାତ୍ର ଦୁର୍ଗମ ଗାଁରେ

ଦାରିଙ୍ଗବାଡି,୨୭।୮(ଅରୁଣ ସାହୁ)

ଦାରିଙ୍ଗବାଡି ବ୍ଲକ ଅନୁସୂଚିତ ଜାତି ଓ ଜନଜାତି ଅଧ୍ୟୁଷିତ ଅଞ୍ଚଳ ଭାବେ ଜଣାଶୁଣା। ଦୁର୍ଗମ ଅଞ୍ଚଳରେ ଜନଜାତି ସମ୍ପ୍ରଦାୟର ପାରମ୍ପରିକ ଚଳଣିକୁ ସମସ୍ତେ ଜାଣିବା ପାଇଁ ଆଗ୍ରହ ପ୍ରକାଶ କରିଥାନ୍ତି। ଜୈବିକ ପଦ୍ଧତିରେ ପାରମ୍ପରିକ ଚାଷ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ସହ ତାକୁ ଖାଦ୍ୟଭାବେ ବ୍ୟବହାର କରନ୍ତି। ଏଥିସହ ପାରମ୍ପରିକ ଖୁଦ୍ୟଶସ୍ୟ ତଥା ମାଣ୍ଡିଆ, କୁଏରୀ, କାଙ୍ଗୁ ଆଦି ଖାଦ୍ୟରେ ଅଧିକା ବ୍ୟବହାର କରିଥାନ୍ତି। ସେହିପରି ପୂର୍ବରୁ ରୋଗବ୍ୟାଧି ପାଇଁ ଚେରମୂଳି ଉପରେ ନିର୍ଭର କରୁଥିଲେ ହେଲେ ଏବେ ଅନେକ କିଛି ପରିବର୍ତ୍ତନ ସହ ସରକାରଙ୍କ ପକ୍ଷରୁ ଗାଁ ଗାଁରେ ସ୍ୱାସ୍ଥ୍ୟସେବା ପହଞ୍ଚିବା ଓ ଗର୍ଭବତୀ ଓ ଶିଶୁଙ୍କୁ ଠିକ୍ ସମୟରେ ଟିକାକରଣ ଆଦି କରାଯାଉଛି। ଏହି ସବୁ ଜାଣିବା ପାଇଁ ଅନେକ ଶିକ୍ଷାନୁଷ୍ଠାନ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଇଣ୍ଟର୍ନଶିପ କରିବା ପାଇଁ ଦାରିଙ୍ଗବାଡିକୁ ପସନ୍ଦ କରନ୍ତି। ଏଭଳି ଏକ ଶିକ୍ଷାନୁଷ୍ଠାନ ଏସିଆନ ଇନ୍‌ଷ୍ଟିଚ୍ୟୁଶନ ଅଫ ପବ୍ଲିକ ହେଲ୍‌ଥ ପକ୍ଷରୁ ୫ ଜଣ ଛାତ୍ରୀଛାତ୍ର ଏକ ମାସ ଧରି ଜାଗୃତି ଅନୁଷ୍ଠାନ ସହାୟତାରେ ଇଣ୍ଟର୍ନଶିପ କରି ଫେରିଛନ୍ତି। ସେମାନଙ୍କ ମଧ୍ୟରେ ଛାତ୍ର ସାୟକ ମଜୁମଦାର, ଛାତ୍ରୀ ଶିଳ୍ପା ଦାସ, ସ୍ୱୟଂ ସରିତା ସାହୁ, କ୍ରିପାଳି ମହାନ୍ତି ଏବଂ ତନୀସା ବେହେରା ପ୍ରମୁଖ ରହିଥିଲେ। ସେମାନେ ଦୁର୍ଗମ ସୋନପୁର, ସିର୍କାବର୍ଗା, ଦନେକବାଡି ଆଦି ପଞ୍ଚାୟତ ଅଞ୍ଚଳର ଦୁର୍ଗମ ଗାଁରେ ସରକାରଙ୍କ ପକ୍ଷରୁ କିଭଳି ସ୍ୱାସ୍ଥ୍ୟସେବା ଦିଆଯାଉଛି ଦେଖିଥିଲେ ଓ ଶିକ୍ଷାପ୍ରାପ୍ତ କରିଥିଲେ। ଏଥିରେ ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଠ ସେମାନଙ୍କୁ ସହଯୋଗ କରିଥିବା ବେଳେ ଜାଗୃତି ଅନୁଷ୍ଠାନର ଭ୍ରମ୍ୟମାଣ ଚିକିତ୍ସା ୟୁନିଟ ପକ୍ଷରୁ ସେମାନଙ୍କୁ ସହଯୋଗ କରାଯାଇଥିଲା। ଏଥିସହ ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ, ଦାରିଙ୍ଗବାଡ଼ିକୁ ପୂର୍ବରୁ ଏକାଧିକ ଶିକ୍ଷାନୁଷ୍ଠାନ ପକ୍ଷରୁ କୃଷିସମ୍ବନ୍ଧୀୟ ଶିକ୍ଷା ପାଇଁ ଛାତ୍ରୀଛାତ୍ର ଇଣ୍ଟର୍ନଶିପ ପାଇଁ ଦାରିଙ୍ଗବାଡି ଗସ୍ତରେ ଆସିଥିବା ନଜିର ରହିଛି।



ଦାରିଙ୍ଗବାଡିକୁ ଇଣ୍ଟର୍ନଶିପ କରିବାକୁ ଆସିଥିବା ଛାତ୍ରୀଛାତ୍ର।

# ମନ୍ଦିରର ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

ଫୁଲବାଣୀ,୨୭।୮(ରାକେଶ କୁମାର ରାଉତ)

ଫିରିଙ୍ଗିଆ ବ୍ଲକ କାଶିନୀପଦର, ଗୋଛାପଡାଠାରେ ଥିବା ଜଗନ୍ନାଥ ମନ୍ଦିର ଓ ମାହେଶ୍ୱରୀ ମନ୍ଦିର, କ୍ରାଣ୍ଡିବାଲିଠାରେ ଥିବା ତ୍ରିନାଥଠାକୁରଙ୍କ ମନ୍ଦିରର ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗତ କିଛିଦିନ ତଳେ ମୁଖ୍ୟମନ୍ତ୍ରୀ ସହାୟତା ଯୋଜନା ଅଧୀନରେ ଏହି ମନ୍ଦିରଗୁଡ଼ିକର ଉନ୍ନତୀକରଣ ପାଇଁ ଅର୍ଥ ମଞ୍ଜୁର ହୋଇଥିବା ବେଳେ ରବିବାର ଏହାର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ କରାଯାଇଥିଲା। ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ମୁଖ୍ୟଅତିଥି ଭାବରେ ଯୋଗଦେଇ ଆନୁଷ୍ଠାନିକ ଭାବରେ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲା ପର୍ଯ୍ୟବେକ୍ଷକ ତଥା ରାଜ୍ୟ ବିହନ ନିଗମ ଅଧ୍ୟକ୍ଷ ବିଜୟ ନାଏକଙ୍କ ସହ ବ୍ଲକ ଅଧ୍ୟକ୍ଷା ନମିତା କହଁର, ଜିଲା ପରିଷଦ ସଭ୍ୟ ନୀଳଗିରି ଡିଗାଲ, ଏମ୍‌ପିଙ୍କ ପ୍ରତିନିଧି ବିଷ୍ଣୁଚରଣ ମଳିକ, ଫିରିଙ୍ଗିଆ ବ୍ଲକର ସହକାରୀ ଯନ୍ତ୍ରୀ ଜୟପ୍ରକାଶ ଜେନା, କନିଷ୍ଠ ଯନ୍ତ୍ରୀ ଅଶୋକ ପାଢ଼ୀ, ସମସ୍ତ ପଞ୍ଚାୟତର ସରପଞ୍ଚ ସମିତିସଭ୍ୟ ଉପସ୍ଥିତ ଥିଲେ।

# ଆଇନସେବା ପ୍ରାଧିକରଣ ତରଫରୁ ପ୍ରତିଯୋଗିତା




ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ବିଚାରକମଣ୍ଡଳୀ।

ପାରଳାଖେମୁଣ୍ଡି,୨୭।୮ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ସଦର ମହକୁମା ସ୍ଥାନୀୟ ଜିଲା କୋର୍ଟ ପରିସରରେ ଆଇନସେବା ପ୍ରାଧୀକରଣ ପକ୍ଷରୁ ବିଭିନ୍ନ ଶିକ୍ଷାନୁଷ୍ଠାନମାନଙ୍କୁ ନେଇ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଜିଲା ଦୌରାଜଜ ତଥା ପ୍ରାଧୀକରଣର ଅଧ୍ୟକ୍ଷ ପ୍ରଣବ କୁମାର ରାଉତରାୟ ଉଦଘାଟନ କରିଥିଲେ। କୋମଳମତି ଛାତ୍ରଛାତ୍ରୀମାନେ ଆଇନ ଓ ନ୍ୟାୟ ଶାସନ ବିଷୟରେ ଅବଗତ ହେଲେ ସେମାନେ ଯାହା କହିବେ ସମାଜ ଗ୍ରହଣ କରିବ ଓ ସେମାନେ ଭବିଷ୍ୟତରେ ସୁନାଗରିକ ହୋଇପାରିବେ ବୋଲି କହିଥିଲେ। ଆଇନସେବା ପ୍ରାଧୀକରଣ ସମ୍ପାଦକ ରବି ନାରାୟଣ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ପରିବାର ଅଦାଲତର ବିଚାରପତି ସୁବ୍ରତ ମହାନ୍ତି, ଅତିରିକ୍ତ ଜିଲା ଓ ଦୌରାଜଜ ପ୍ରଦୀପ କୁମାର ସାମଲ, ଦେଓ୍ୱାନି ଅଦାଲତ ବିଚାରପତି ସନ୍ତୋଷ କୁମାର ଅଗ୍ରୱାଲ, କୋର୍ଟ ରେଜିଷ୍ଟ୍ରାର ସତ୍ୟବ୍ରତ ରାଣା ଓ ଉପଖଣ୍ଡ ବିଚାର ବିଭାଗୀୟ ଅଧିକାରିଣୀ ବିଷ୍ଣୁପ୍ରିୟା ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜିତ ପ୍ରତିଯୋଗିତାରେ ବିଚାରପତିଭାବେ ଅଧୀକ୍ଷକ କଲ୍ୟାଣୀ ମିଶ୍ର, ବିନୋଦ ଚନ୍ଦ୍ର ରଥ, ବିଚିତ୍ରା ନନ୍ଦ ବେବର୍ତ୍ତା, ଆଦର୍ଶ ଦାସ, ଲିଙ୍ଗରାଜ ଦାସ, ମୁରଲୀଧର ପରିଚ୍ଛା ପ୍ରମୁଖ ଯୋଗଦେଇଥିଲେ।

### ଡ୍ରେନ୍ ନାହିଁ, ସାହି ମୁଖ୍ୟ ରାସ୍ତାରେ ପାଣି

ପାରଳାଖେମୁଣ୍ଡି,୨୭।୮ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଗୋଷାଣି ବ୍ଲକ ଉପଲଡା ପଞ୍ଚାୟତ ଅନ୍ତର୍ଗତ ଆର୍.ସୀତାପୁର ଗ୍ରାମର ଗୋଲାସାହିଠାରେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ରାସ୍ତାରେ ପାଣି ଭାସୁଥିବା ଦେଖିବାକୁ ମିଳିଛି । ସାହିବାସିନ୍ଦାଙ୍କ କହିବା ମୁତାବକ, ସାହିରେ ଡ୍ରେନେଜ ବ୍ୟବସ୍ଥା କରାଯାଇନାହିଁ। ଫଳରେ ଲୋକମାନେ ବ୍ୟବହାର କରୁଥିବା ଜଳ ଗାଁ ଦାଣ୍ଡରେ ଭାସୁଛି। ଏହି ଗୋଲା ସାହିରେ ୫୦ରୁ ଊର୍ଦ୍ଧ୍ୱ ପରିବାର ରହୁଥିବା ବେଳେ ଲୋକ ସଂଖ୍ୟା ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ରହିଛି। ଏପରି କାଦୁଅଭରା ରାସ୍ତାରେ ଦୈନନ୍ଦିନ ଲୋକେ ଯାତାୟତ କରୁଛନ୍ତି। ସାହିଟି ପାହାଡ଼କୁ ଲାଗି ରହିଥିବା ଯୋଗୁଁ ଘରଗୁଡିକର ପଛ ପାର୍ଶ୍ୱରେ ଡ୍ରେନ ନିର୍ମାଣ ସମ୍ଭବପର ହେଉନାହିଁ । ଏହାସହ ଏହି ପାହାଡରୁ ଦୈନନ୍ଦିନ ଝରଣା ବୋହୁଛି । ଉଭୟ ଝର ପାଣି ଓ ଘର ଗୁଡିକରୁ ଛାଡୁଥିବା ଦୂଷିତ ଜଳ ସାହି ମୁଖ୍ୟରାସ୍ତାରେ ବୋହୁଥିବାରୁ ଦିନତମାମ ରାସ୍ତା କର୍ଦ୍ଦମାକ୍ତ ରହୁଛି। ଏହି ରାସ୍ତା ଦେଇ ଯାତାୟତ କରୁଥିବା ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ସମୟେ ସମୟେ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ପ୍ରକାଶ କରିଛନ୍ତି। ଏହି ସମସ୍ୟାର ସମାଧାନ ଲାଗି ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ କରି ପ୍ରଶାସନିକସ୍ତରେ ଗୁହାରି କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନଥିବା ସାହିବାସିନ୍ଦା ପ୍ରକାଶ କରିଛନ୍ତି ।

# ବ୍ରହ୍ମ କୁମାରୀସଙ୍କ ରକ୍ଷାବନ୍ଧନ ଉତ୍ସବ



ତପସ୍ୟା ଧାମଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ।

ଆସିକା,୨୭।୮(ସୁରେନ୍ଦ୍ର ନାଥ ସାହୁ)

ଆସିକା କଳିଙ୍ଗାରୋଡ ସ୍ଥିତ ବ୍ରହ୍ମ କୁମାରୀସ ତପସ୍ୟା ଧାମଠାରେ ରବିବାର ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଇଂ. ଜିତେନ୍ଦ୍ର ସିଂ ଓ ସମ୍ମାନିତ ଅତିଥି ରୂପେ ସତ୍ୟବାନ ସାହୁ, ସୀମାଞ୍ଚଳ ପରିଡ଼ା, କାମେଶ୍ୱର ଆଚାରୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ସଞ୍ଚାଳିକା ରାଜଯୋଗିନୀ ଲିଲି ପବିତ୍ର ରକ୍ଷାବନ୍ଧନର ରହସ୍ୟକୁ ସରଳ ଭାବେ ବୁଝାଇବା ସହ ପରମପିତା ଶିବ ପରାମାତ୍ମା ୮୭ବର୍ଷ ହେଲା ଧରାପୃଷ୍ଠରେ ଅବତରଣ କରି ପବିତ୍ରତାର ସୂତ୍ରରେ ସମସ୍ତଙ୍କୁ ବାନ୍ଧି ରଖିଛନ୍ତି । ସେ ସମ୍ପର୍କରେ ସୂଚନା ଦେଇଥିଲେ । ଏତଦ ଅବସରରେ ଆସିକା ସବଜେଲର ଅନ୍ତେବାସୀଙ୍କୁ ମଧ୍ୟ ବ୍ରହ୍ମାକୁମାରୀଶଙ୍କ ପକ୍ଷରୁ ରକ୍ଷାସୂତ୍ର ବନ୍ଧନ କରାଯିବା ସହ ଆଧାତ୍ମିକ ନାଟକ ପରିବେଷଣ କରାଯାଇଥିଲା। ସେହିଭଳି ସନ୍ଧ୍ୟାରେ ବସଷ୍ଟାଣ୍ଡସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଶାନ୍ତିଶକ୍ତି ଭବନଠାରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ପାଳିତ ହୋଇଥିଲା । ଭବନର ସଞ୍ଚାଳିକା ପ୍ରଭାତୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିରୂପେ ବିଧାୟିକା ମଞ୍ଜୁଳା ସ୍ୱାଇଁ ଏବଂ ସମ୍ମାନିତ ଅତିଥି ରୂପେ ଇଂ. ଦିଲ୍ଲୀପ କୁମାର ନାୟକ, ବରିଷ୍ଠ ଆଇନଜୀବୀ ସୁଧାଂଶୁ କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

# ଜାତୀୟ ରାଜପଥରେ ବୁଲାଗୋରୁ ଦୁର୍ଘଟଣାର କାରଣ

ଗୋପାଳପୁର,୨୭।୮(ନବୀନରାଜ ଆଚାରୀ)




ଆନ୍ଧ୍ରପ୍ରଦେଶ ଏବଂ ଓଡିଶାକୁ ସଂଯୋଗ କରୁଥିବା ୧୬ ନଂ ଜାତୀୟ ଏବେ ବୁଲା ଗୋରୁଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ଦେଖିବାକୁ ମିଳିଛି। ଫଳରେ ଛୋଟ ବଡ଼ ଦୁର୍ଘଟଣା ଘଟିବା ସହ ଯାତାୟତରେ ବ୍ୟାପକ ବାଧା ସୃଷ୍ଟି ହେଉଛି। ଗାଡି ମୋଟର ଧକ୍କାରେ ଗୋରୁ ଗାଈ ଗୁରୁତର ଆହତ ହେବା ସହ ପ୍ରାଣ ହରାଉଛନ୍ତି। ୧୬ ନଂ ଜାତୀୟ ରାଜପଥ ଗୋଳନ୍ଥରା ଚଟି ଛକ, ରମ୍ଭା, କନିଷି, ହଳଦିଆପଦର ଆଦି ଜନଗହଳିପୂର୍ଣ୍ଣ ଛକ ଦେଇ ରାଜପଥ ଯାଇଥିବା ବେଳେ ଦୈନିକ ଶତାଧିକ ଲୋକ ବିଭିନ୍ନ କାମରେ ଯାତାୟତ କରନ୍ତି। ବହୁ ସଂଖ୍ୟାରେ ଗାଡ଼ି ମୋଟର ଚଳାଚଳ ହେଉଛି। ତେବେ ଦିନ ରାତି ଗାଈ ଗୋରୁ ଛକଗୁଡ଼ିକୁ କବଜା କରି ରଖୁଥିବାରୁ ଯାତାୟତରେ ଅସୁବିଧା ହେଉଛି। ଗୋରୁ ପାଳନ କରିଥିବା ଗ୍ରାମାଞ୍ଚଳ ଲୋକେ ନିଜ ନିଜ ଗୋରୁଙ୍କୁ ଗୁହାଳରେ ରଖିବା ବଦଳରେ ବାହାରକୁ ଛାଡି ଦେଉଛନ୍ତି। ସେମାନଙ୍କ ଉପରେ ପ୍ରଶାସନ କିମ୍ବା ରାଜପଥ କର୍ତ୍ତୃପକ୍ଷ ଦ୍ୱାରା କୌଣସି କଟକଣା ଜାରି କରାଯାଉନାହିଁ। ଫଳରେ ଗୋରୁପଲ ଜାତୀୟ ରାଜପଥ ଉପରେ ମଧ୍ୟ ଶୋଇ ରହୁଛନ୍ତି। ଆଗାମୀ ଦିନରେ ଯଦି ପ୍ରଶାସନ ପକ୍ଷରୁ କିଛି ପଦକ୍ଷେପ ନ ନିଆଯାଏ ତେବେ ବଡ଼ ସମସ୍ୟା ସୃଷ୍ଟି ହେବ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ତେଣୁ ଏଥିପ୍ରତି ଦୃଷ୍ଟିଦେବା ଓ ଗାଈ ମାଲିକ ଉପରେ ଅଙ୍କୁଶ ଲଗାଇବା ପାଇଁ ସାଧାରଣରେ ଦାବି ହେଉଛି।

### ରାମଚରିତ ମାନସ ପାରାୟଣ

ଆସିକା,୨୭।୮(ସୁରେନ୍ଦ୍ର ନାଥ ସାହୁ)

ଆସିକା ଖମ୍ବେଶ୍ୱରୀପାଟଣାସ୍ଥିତ ଗୋପିନାଥ ମନ୍ଦିର ପରିସରରେ ଶନିବାର ଶ୍ରୀରାମ କଥାମୃତ ଓ ଶ୍ରୀଶ୍ରୀ ଜଗନ୍ନାଥ କଥାମୃତ (ଶ୍ରୀମଦ ଭାଗବତ) ଜ୍ଞାନଯଜ୍ଞ ଆରମ୍ଭ ହୋଇଛି। ବରିଷ୍ଠ ଜ୍ଞାନଯଜ୍ଞ ପ୍ରବକ୍ତା ଗୋପାଳ ଚନ୍ଦ୍ର ରାଜଗୁରୁ ଏହି କାର୍ଯ୍ୟକ୍ରମରେ ପ୍ରବଚକ ଭାବେ ଯୋଗଦେଇଛନ୍ତି। ଏହି କାର୍ଯ୍ୟକ୍ରମ ସେପ୍ଟମ୍ବର ୮ ତାରିଖ ଯାଏ ଚାଲୁ ରହିବ। ଆସିକା ଚାରଣ ଗୋଷ୍ଠୀ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା ବେଳେ ଏଥିରେ ଝୁଲଣ ଉତ୍ସବ, ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ମଧ୍ୟ ଆୟୋଜିତ ହେବ।

# ଧରାକୋଟ ବଣିକ ସଂଘର ବୈଠକ

ଧରାକୋଟ,୨୭।୮(ବିଷ୍ଣୁକେଶରୀ ଆଚାର୍ଯ୍ୟ)

ଧରାକୋଟ ବଣିକ ସଂଘ ତରଫରୁ ଏକ ବୈଠକ ସ୍ଥାନୀୟ ରାମମନ୍ଦିର ପରିସରରେ ବରିଷ୍ଠ ସଭ୍ୟ ସୁନିଲ କୁମାର ଗୌଡ଼ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘର ସଭାପତି ବିଜୟ କୁମାର ପାତ୍ର, ବରିଷ୍ଠ ସଭ୍ୟ ଅରକ୍ଷିତ ପାତ୍ର, ଗୋଲକ ବିହାରୀ ସାହୁ, ସୁବାସ ଚନ୍ଦ୍ର ପାତ୍ର, ଶିବ ପ୍ରସାଦ ମହାନ୍ତିଙ୍କ ସମେତ ପ୍ରାୟ ୧୦୦ଜଣ ସଦସ୍ୟ ଉପସ୍ଥିତ ଥିଲେ। ବୈଠକରେ ଘରୋଇ ଓ ସରକାରୀ ବସଗୁଡ଼ିକ ଧରାକୋଟ ଭିତରକୁ ନଆସି ବାଇପାସ ଦେଇ ଚାଲିଯାଉଥିବା ଯୋଗୁଁ ଯାତ୍ରୀ ପରିବହନ ସେବା ଏକରକମ ବିପର୍ଯ୍ୟସ୍ତ ହେଉଛି। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ତରଫରୁ ମୋ ବସଷ୍ଟାଣ୍ଡ ଯୋଜନାରେ ଧରାକୋଟ ପାଇଁ ମଞ୍ଜୁରୀ ପାଇଥିବା ବସଷ୍ଟାଣ୍ଡକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦଘାଟନ କରିଛନ୍ତି । ଅଞ୍ଚଳବାସୀଙ୍କ ସୁବିଧା ଦୃଷ୍ଟିରୁ ଏହି ବସଷ୍ଟାଣ୍ଡକୁ ଚୟନ କରାଯାଇଥିବା ସ୍ଥାନରେ ଯଥାଶୀଘ୍ର ନିର୍ମାଣ ପାଇଁ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବରିଷ୍ଠ ସଭ୍ୟ କୈଳାସ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଖବରଦାତା- ପୌର ପ୍ରଶାସକ ମଧ୍ୟରେ କ୍ରିକେଟ ମ୍ୟାଚ

ପାରଳାଖେମୁଣ୍ଡି,୨୭।୮(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ସ୍ୱାୟତ୍ତ ଶାସନ ଦିବସ ପାଳନ ପୂର୍ବକ ଖବରଦାତା ଓ ପୌର ପ୍ରଶାସକ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ସ୍ଥାନୀୟ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ଖେଳ ପଡିଆଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଟସ୍ ଜିତି ପ୍ରଥମ ପୌର ପ୍ରଶାସକ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୧୫ ଓଭରରେ ୪ ୱିକେଟ ହରାଇ ୧୮୩ ରନ ସଂଗ୍ରହ କରିଥିଲେ । ତେବେ ଖବରଦାତାମାନେ ୧୮୪ ରନ୍‌ର ପିଛା କରି ୧୫ ଓଭରରେ ମାତ୍ର ୧୧୬ ରନ କରିବାକୁ ସମର୍ଥ ହୋଇଥିଲେ। ଏଥିରେ ପୌରାଧ୍ୟକ୍ଷା ନିର୍ମଳା ସେଠୀ, ନିର୍ବାହୀ ଅଧିକାରୀ ବନମାଳୀ ଶତପଥୀଙ୍କ ସମେତ ପୌରଯନ୍ତ୍ରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ।



କ୍ରିକେଟ ପ୍ରତିଯୋଗିତାରେ ଭାଗ ନେଇଥିବା ଖବରଦାତା ଓ ପୌର ପ୍ରଶାସକ।

# ଅଧାପନ୍ତରିଆ ଭାବେ ପଡ଼ିରହିଛି ୫-ଟି ସ୍କୁଲ

- ପୁରୁଣା କୋଠାରେ ଚାଲିଛି ବ୍ଲାକବୋର୍ଡରେ ପାଠପଢ଼ା
- ଛୁଟି ପରେ ନିଶାସକ୍ତଙ୍କ ଆଡ୍ଡା ଜମୁଛି

ପୋଲସରା,୨୭।୮(ସୁବ୍ରତ ବେହେରା)

ଅଧପନ୍ତରିଆ ଭାବେ ପଡ଼ିରହିଛି ୫-ଟି ସ୍କୁଲର କୋଠା। ପୁରୁଣା କୋଠାରେ ବ୍ଲାକ ବୋର୍ଡରେ ଚାଲିଛି ପାଠ ପଢ଼ା। ଆଉ ସ୍କୁଲ ଛୁଟି ପରେ ନିଶାସକ୍ତମାନେ ଆଡ୍ଡା ଜମାଉଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ପୋଲସରା ବ୍ଲକ ଗୋଛାବାଡ଼ି ପଞ୍ଚାୟତରେ ଥିବା ଶ୍ରୀଶ୍ରୀ ଜଗନ୍ନାଥସ୍ୱାମୀ ଉଚ୍ଚ ବିଦ୍ୟାଳୟରେ। ଏହି ବିଦ୍ୟାଳୟକୁ ରାଜ୍ୟ ସରକାର ରୂପାନ୍ତରିତ କରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି। କିନ୍ତୁ ଏହି ବିଦ୍ୟାଳୟରେ ନବମ ଶ୍ରେଣୀରେ ୬୦ ଜଣ ଛାତ୍ରୀଛାତୀ ରହିଥିବା ବେଳେ ଦଶମ ଶ୍ରେଣୀରେ ୬୩ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ମାତ୍ର ୮ ଜଣ ଶିକ୍ଷକ ଥିବା ପ୍ରଧାନ ଶିକ୍ଷକ ହରପ୍ରସାଦ ଗୌଡ କହିଛନ୍ତି। ପୁରୁଣା ସ୍କୁଲକୁ ୫-ଟି ସ୍କୁଲ ନାମରେ ରୂପାନ୍ତରିତ କରିବା ପାଇଁ ରାଜ୍ୟ ସରକାର ଅର୍ଥ ପ୍ରଦାନ କଲେ। ହେଲେ ଆଜି ବି ସେହି ପୁରୁଣା କୋଠାରେ ନବମ ଶ୍ରେଣୀର ଛାତ୍ରୀଛାତ୍ରମାନେ ବ୍ଲାକବୋର୍ଡରେ ପାଠ ପଢୁଥିବା ଦେଖିବାକୁ ମିଳୁଛି। ନୂତନ କୋଠା ହୋଇଛି ସତ, ହେଲେ ଦ୍ୱିତୀୟ ମହଲାରେ ଝରକା, କବାଟ ନାହିଁ। ବର୍ତ୍ତମାନ ସୁଦ୍ଧା ଅଧପନ୍ତରିଆ ଭାବେ ପଡ଼ିରହିଛି ୫-ଟି ସ୍କୁଲର ନୂତନ କୋଠା। ସ୍କୁଲର ଶିକ୍ଷକ ହେଉ ଅବା ଛାତ୍ରୀଛାତ୍ରମାନଙ୍କ ପାଇଁ ପାନୀୟ ଜଳ ଯୋଗାଣର କୌଣସି ବ୍ଯବସ୍ଥା ନାହିଁ। ଶୌଚାଳୟ ହୋଇଛି ହେଲେ ନାହିଁ ପାଣି ଟାଙ୍କିର ସୁବିଧା, ନାହିଁ କବାଟ। ପାଣିର ସୁବିଧା ନଥିବାରୁ ନୂତନ ଶୌଚାଳୟ କାର୍ଯ୍ୟକାରୀ ହେଉନାହିଁ। ଉକ୍ତ ଶୌଚାଳୟରେ ମଦ ବୋତଲ ପଡିଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ପାଚେରି ନଥିବାରୁ ସ୍କୁଲ ଛୁଟି ପରେ ନିଶାସକ୍ତଙ୍କ ଆଡା ଜମୁଛି। ସ୍କୁଲରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ପାଇଁ ୧ ଲକ୍ଷ ୯୪ ହଜାର ୨୩୮ ଟଙ୍କା ଉଠାଣ ହୋଇଥିଲେ ମଧ୍ୟ ନାହିଁ କାର୍ଯ୍ୟ ହୋଇନଥିବା ଦେଖିବାକୁ ମିଳିଛି। ସ୍କୁଲ ପରିସରରେ ପାଇଖାନା ନଥିବା ବେଳେ ଅସ୍ଥାୟୀ ପାଇଖାନା ବ୍ୟବହାର କରୁଥିବା କହିଛନ୍ତି ଛାତ୍ରୀଛାତ୍ର। ହେଲେ ଉକ୍ତ ଦୁଇଟି ପ୍ରକଳ୍ପର ଟଙ୍କା ନୂତନ ୫-ଟି କୋଠାରେ ଲାଗିଥିବା ସ୍କୁଲର ପ୍ରଧାନ ଶିକ୍ଷକ ହରପ୍ରସାଦ ଗୌଡ଼ କହିଛନ୍ତି। ତୁରନ୍ତ ଉଚ୍ଚପଦସ୍ଥ ଅଧିକାରୀ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ପଦକ୍ଷେପ ନେବାକୁ ଦାବି ହୋଇଛି।




ଶ୍ରୀ ଜଗନ୍ନାଥସ୍ୱାମୀ ଉଚ୍ଚ ବିଦ୍ୟାଳୟ।

**ଭାଜପା କାର୍ଯ୍ୟାଳୟ ଉଦ୍‌ଘାଟିତ**

ବାଲିକୁଦା,(ତାପସ ସ୍ୱାଇଁ): ବାଲିକୁଦା-ଏରସମା ନିର୍ବାଚନ ମଣ୍ଡଳୀର ଭାଜପା କାର୍ଯ୍ୟାଳୟ ବାଲିକୁଦା ବ୍ଲକର କଣିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ନିର୍ବାଚନ ମଣ୍ଡଳୀ ନେତା ଶିବବ୍ରତ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର, ରାଜ୍ୟ ଅନୁସୂଚିତ ଜାତି ସଭାପତି ତଥା ପୂର୍ବତନ ଏମ୍‌ପି ବିଭୁପ୍ରସାଦ ତରାଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ମହାନ୍ତି ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ଭାଜପା ଜିଲା ସାଧାରଣ ସମ୍ପାଦକ ଜଗନ୍ନାଥ ଦାସ, ଜିଲା ଉପସଭାପତି ସୌଭାଗ୍ୟ ମହାନ୍ତି, ଜିଲା ଓବିସି ମୋର୍ଚ୍ଚା ସଭାପତି ସୁବୋଧ ବାରିକ, ରାଜ୍ୟ ଏସି ମୋର୍ଚ୍ଚା ସଂଯୋଜିକା ସ୍ମିତା ପ୍ରଧାନ, ଜିଲା କାର୍ଯ୍ୟକାରିଣୀ ସଦସ୍ୟା ନିରୁପମା ସ୍ୱାଇଁ, ରାଜ୍ୟ କାର୍ଯ୍ୟକାରିଣୀ ମହିଳା ମୋର୍ଚ୍ଚା ସଦସ୍ୟା ଅନିତା ଦାସ, ଡା. ଶଶାଙ୍କ ଶେଖର ସାହାଣୀ, ସସ୍ମିତା ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

# ଗୋଳା ନାଳ: ଡ୍ୟାମ୍ ପରିବର୍ତ୍ତେ ସଫେଇ ଚାଲିଛି

ନାଉଗାଁ,୨୭।୮(ସୁଧା ବେହୁରା)

- ପାଣି ଥିଲେ ବି ହୋଇପାରୁନି ଚାଷ କାର୍ଯ୍ୟ
- ୧ କୋଟି ୮୮ ଲକ୍ଷ ୮୨ ହଜାର ବ୍ୟୟ ବରାଦ ହୋଇଛି
- ଉଭୟ ପାର୍ଶ୍ୱରେ କେବଳ ୧୦ ଫୁଟ୍ ଲେଖାଏ ଖୋଳାଯାଇଛି


ନାଳ ଖନନ ପରେ ମାଟି ଉପରେ ରଖାଯାଇଛି।

ନାଉଗାଁ ବ୍ଲକ ଅନ୍ତର୍ଗତ ଶିଖର ପଞ୍ଚାୟତର ଅଙ୍ଗେଶ୍ୱରପଡ଼ାରୁ ଗୋଳା ନାଳ ବାହାରି ଓଷକଣା, ଡେରିକି, କୋରୁଆ ପଞ୍ଚାୟତ ଦେଇ ଗାରୋଇ ନିକଟରେ ଗୋବରୀ ନଦୀରେ ମିଶିଛି। ଚଳିତ ଆର୍ଥିକ ବର୍ଷରେ ଏହି ନାଳ ଖନନ ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ବହୁ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ବର୍ତ୍ତମାନ ଏହି ନାଳ ଜଳରେ ପରିପୂର୍ଣ୍ଣ ରହିଛି। ତଥାପି ଏହା ଚାଷୀଙ୍କ କାମରେ ଲାଗୁନାହିଁ। ଏନେଇ ସେମାନେ ଅସନ୍ତୋଷବ୍ୟକ୍ତ କରିଛନ୍ତି।

ଚଳିତ ବର୍ଷ ବ୍ଲକରେ ଆଶାନୁପାତ ବର୍ଷା ହୋଇନାହିଁ। ଫଳରେ ଶ୍ରାବଣ ମାସ ଶେଷ ହେବାକୁ ବସିଥିଲେ ମଧ୍ୟ ଚାଷୀ ଚାଷ କାର୍ଯ୍ୟ କରିପାରୁ ନାହାଁନ୍ତି। ଯେଉଁ ସବୁ ପଞ୍ଚାୟତରେ ନାଳ ଓ ଉଠା ଜଳ ସେଚନର ସୁବିଧା ରହିଛି ସେଠାରେ କାଁ ଭାଁ ଚାଷ କାର୍ଯ୍ୟ ଚାଲିଥିବାବେଳେ ଅଣ ଜଳସେଚିତ ଅଞ୍ଚଳରେ ଚାଷ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇଯାଇଛି । ସ୍ଥାନୀୟ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଗୋଳା ନାଳରେ ଏକ ଡ୍ୟାମ୍ ନିର୍ମାଣ କରିବା ପାଇଁ ସାମାଜିକ କର୍ମୀ ଉପେନ୍ଦ୍ର ବିଶ୍ୱାଳ ଓ ସ୍ଥାନୀୟ ଚାଷୀମାନେ କେନ୍ଦ୍ର ଜଳ ସଂରକ୍ଷଣ ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ନାଉଗାଁ ଗସ୍ତରେ ଆସିଥିବାବେଳେ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ଗୁରୁତ୍ୱ ଦେଇ ଉକ୍ତ ନାଳ କାର୍ଯ୍ୟ କରିବାକୁ ଜଳ ସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ବିଭାଗ ପକ୍ଷରୁ ଡ୍ୟାମ୍ ପରିବର୍ତ୍ତେ ସଫେଇ କାର୍ଯ୍ୟ ଜାରିରହିଛି। ଏଥିରେ କେବଳ ଠିକାଦାର ମାଲାମାଲ ହୋଇଥିବାବେଳେ ନାଳର କୌଣସି ଅଂଶ ଚାଷୀଙ୍କ କାର୍ଯ୍ୟରେ ଲାଗୁ ନାହିଁ ବୋଲି ସ୍ଥାନୀୟ ଚାଷୀ ମତବ୍ୟକ୍ତ କରିଛନ୍ତି। ଏହି ନାଳରେ ଡ୍ୟାମ୍ ନିର୍ମାଣ କରାଯାଇଥିଲେ ମରୁଡ଼ି ସମୟରେ ଖରିଫ ଓ ରବି ଋତୁରେ ଚାଷ କାର୍ଯ୍ୟ ହୋଇପାରିଥାନ୍ତା। ୩ ପଞ୍ଚାୟତବାସୀ ନାଳର ଜଳକୁ ବ୍ୟବହାର କରି ଚାଷ କାର୍ଯ୍ୟ କରିପାରିଥାନ୍ତେ।

ସୂଚନାଯୋଗ୍ୟ, ଏହି ନାଳର ଉପର ମୁଣ୍ଡ ବନ୍ଦ ରହିଛି ଓ ଶେଷ ମୁଣ୍ଡଟି ଖୋଲା ରହିଛି। ବିଭାଗ ପକ୍ଷରୁ ନାଳର ମାତ୍ର ୩୦ ମିଟର ଖୋଳିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ଠିକାଦାର ଏଥିରେ ଚଞ୍ଚକତା କରି ନାଳର ମଝି ଭାଗର ଉଭୟ ପାର୍ଶ୍ୱରେ ୧୦ ଫୁଟ ଲେଖାଏ ଖୋଳିଛନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଖୋଳିଥିବା ମାଟିକୁ ସେହି ନାଳ ଉପରେ ପକାଇ ଦେଇଛନ୍ତି। ଫଳରେ ବର୍ଷା ପାଣିରେ ଉକ୍ତ ମାଟି ବୋହି ପୁନର୍ବାର ନାଳରେ ପଶୁଛି। ବିଭାଗ ତରଫରୁ ନାଳ ସଫେଇ ପାଇଁ ୧ କୋଟି ୮୮ ଲକ୍ଷ ୮୨ ହଜାର ବ୍ୟୟ ବରାଦ କରାଯାଇଥିବାବେଳେ ନାମକୁ ମାତ୍ର ସଫେଇ କରାଯାଇଛି। ଏହି ନାଳ ଖୋଳାରେ ବ୍ୟାପକ ଦୁର୍ନୀତି ହେବା ସହ ଚାଷୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ନ ରଖି ଅର୍ଥ ବ୍ୟୟ କରାଯାଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଉପେନ୍ଦ୍ର ବିଶ୍ୱାଳ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି। ଚାଷୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଉକ୍ତ ନାଳରେ ଡ୍ୟାମ୍ ନିର୍ମାଣ ପାଇଁ ସ୍ଥାନୀୟ ଚାଷୀ ନିରଞ୍ଜନ ସାହୁ, କାର୍ତ୍ତିକ ମୁଦୁଲି, ଆଶୁତୋଷ ପରିଡ଼ା ଓ ମହାଦେବ ସ୍ୱାଇଁ ପ୍ରମୁଖ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ବିଭାଗୀୟ ଯନ୍ତ୍ରୀ ସୂର୍ଯ୍ୟକାନ୍ତ ଦୀକ୍ଷିତଙ୍କୁ ପଚାରିବାରେ ନାଳ ସଫେଇ ପାଇଁ ଅର୍ଥ ବରାଦ କରାଯାଇଛି, ମାତ୍ର ଏପର୍ଯ୍ୟନ୍ତ କାର୍ଯ୍ୟ ସରିନାହିଁ। ପୁନର୍ବାର ଏହି କାର୍ଯ୍ୟ କରାଯିବ ବୋଲି ସେ କହିଛନ୍ତି।

## ସାମ୍ୟବାଦୀ ନେତା ବାବାଜୀଙ୍କ ସ୍ମୃତିଚାରଣ ସଭା

ପଟ୍ଟାମୁଣ୍ଡାଇ,୨୭।୮(ଅକ୍ଷୟ ବିଶ୍ୱାଳ)

ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପଠାରେ ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ପକ୍ଷରୁ ଆୟୋଜିତ ସାମ୍ୟବାଦୀ ନେତା ବାବାଜୀ ଚରଣ ପରିଡାଙ୍କ ସ୍ମୃତିଚାରଣ ସଭାରେ ଗୋପୀନାଥ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଏହି ସ୍ମୃତିଚାରଣ ସଭାରେ ବିକାଶ ପରିଷଦର ସମ୍ପାଦକ ଗୋପୀବଲ୍ଲଭ ନାୟକ, ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ସଦସ୍ୟ ରାଜକୁମାର ବିଶ୍ୱାଳ, ଆଇନଜୀବୀ ଶିଶିର ମଲିକ, ଗୟାଧର ଧଳ, ବାବାଜୀ ଧଳ, ତପନ କୁମାର ପାତ୍ର, ବ୍ରଜବନ୍ଧୁ ଦାଶ, ଅନିରୁଦ୍ଧ ରାଉଳ, ପୂର୍ବତନ ବିଧାୟକ ଅଲେଖ ଚନ୍ଦ୍ର ଜେନା, କଳ୍ପତରୁ ମଲିକ, ପ୍ରମୋଦ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ସେମାନେ ପରିଡାଙ୍କ ବିଭିନ୍ନ ପ୍ରତିଭା ଓ ଅମାୟିକ ବ୍ୟବହାର ପାଇଁ ସମସ୍ତଙ୍କର ପ୍ରିୟପାତ୍ର ସହ ଆପଣାର ଥିଲେ ବୋଲି କହିଥିଲେ। ରେଭେନଶା କଲେଜରେ ଅଧ୍ୟୟନ କଲାବେଳେ ସେ ସାମ୍ୟବାଦୀ ଆନ୍ଦୋଳନରେ ଯୋଗଦେଇ ଲୋକମାନଙ୍କର ବହୁତ ଉପକାର କରିଛନ୍ତି। ସେ ବାମପନ୍ଥୀ ନେତା ଭାବେ ବିଭିନ୍ନ ସମସ୍ୟାର ସମାଧାନ କରିଛନ୍ତି। ଉଠା ଦୋକାନୀଙ୍କ ଆନ୍ଦୋଳନର ନେତୃତ୍ୱ ନେଇ ଥଇଥାନ ବ୍ୟବସ୍ଥା କରିବା ସହ ୬ଟି ସ୍ଥାନରେ ଉଠା ଦୋକାନ କରିବା ପାଇଁ ପୌର କର୍ତ୍ତୃପକ୍ଷଙ୍କୁ ବାଧ୍ୟ କରିଥିଲେ। ଏଥିସହ ବିଭିନ୍ନ ଆନ୍ଦୋଳନରେ ସାମିଲ ହୋଇ ବହୁ ଜନହିତକର କାର୍ଯ୍ୟରେ ଭାଗ ନେଇଥିବା ବକ୍ତାମାନେ ମତ ପ୍ରକାଶ କରିଥିଲେ।

# ବିଦ୍ୟାଳୟ ଗୃହରେ ଯୁବ କଂଗ୍ରେସ ସଭାକୁ ନେଇ ଅସନ୍ତୋଷ

କୁଜଙ୍ଗ,୨୭।୮ (ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକ ମହ୍ଲାସାହି ପଞ୍ଚାୟତ ଗୌରପଡା ପ୍ରାଥମିକ ବିଦ୍ୟାଳୟ ଗୃହରେ ରବିବାର ପାରାଦୀପ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସର ସଭାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହି ପ୍ରାଥମିକ ବିଦ୍ୟାଳୟ ୨ ବର୍ଷ ହେବ ମହ୍ଲାସାହିସ୍ଥିତ ସୁଭଦ୍ରା ମହତାବ ପ୍ରାଥମିକ ବିଦ୍ୟାଳୟ ସହ ମିଶ୍ରଣ ହୋଇଯାଇଛି। ମିଶ୍ରଣ ପରେ ବିଦ୍ୟାଳୟଗୁଡ଼ିକର ଚାବି ସାଧାରଣତଃ ବିଡିଓଙ୍କ ପାଖରେ ରହୁଥିବାବେଳେ, ଏଠାରେ କିପରି ରାଜନୈତିକ ସଭା ହେଲା ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବ୍ଲକ ଶିକ୍ଷାଧିକାରୀ ପବିତ୍ର ମୋହନ କରଙ୍କୁ ପଚାରିବାରେ, ଘଟଣା ସମ୍ପର୍କରେ ସେ ଅବଗତ ନାହାନ୍ତି ତେବେ ତଦନ୍ତ ପରେ ଆଇନଗତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଏ ସମ୍ପର୍କରେ କୁଜଙ୍ଗ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ଦୃଷ୍ଟି ଆକର୍ଷଣ କରିବାରେ, ବିଦ୍ୟାଳୟର ଚାବି ନିୟମ ଅନୁଯାୟୀ ତାଙ୍କ ପାଖରେ ରହିବା କଥା,କିନ୍ତୁ ସର୍ବସାଧାରଣଙ୍କ କାର୍ଯ୍ୟ ପାଇଁ ଅନେକ ସମୟରେ ସରପଞ୍ଚ କିମ୍ବା ସ୍ୱୟଂ ସହାୟିକା ଗୋଷ୍ଠୀକୁ ଦିଆଯାଇଥାଏ। ରାଜନୈତିକ ସଭା ହେବା ପାଇଁ ବିଦ୍ୟାଳୟ ପରିସରକୁ ବ୍ୟବହାର କରିବା ଆଇନ ବାହାରେ। ଘଟଣା ସମ୍ପର୍କରେ ବୁଝିଲାପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଡିଓ କହିଛନ୍ତି । ଅନ୍ୟପଟେ ମହ୍ଲାସାହି ସରପଞ୍ଚ ଧ୍ରୁବ ଚରଣ ନାୟକ ଘଟଣା ସମ୍ପର୍କରେ କିଛି ଜାଣି ନ ଥିବା କହିଛନ୍ତି। ସୂଚନାଯୋଗ୍ୟ, ପାରାଦୀପ ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଅବିନାଶ ମଲିକଙ୍କ ଅଧ୍ୟକ୍ଷତାରେ ଏହି ଯୁବ କଂଗ୍ରେସ ବୈଠକ ହୋଇଥିଲା। ଏଥିରେ ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ବୀରେନ ଦଳାଇଙ୍କ ସମେତ ବହୁ ଯୁବ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ


ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ବିଚାରକଙ୍କ ସହ ପ୍ରତିଯୋଗୀମାନେ।

ତିର୍ତ୍ତୋଲ, ୨୭।୮
(ଗୌରାଙ୍ଗ ଚରଣ ସ୍ୱାଇଁ)

ବାଲିଘର ଫାଉଣ୍ଡେଶନ ପକ୍ଷରୁ ତିର୍ତ୍ତୋଲ ବ୍ଲକ ଜଗନ୍ନାଥପୁର ପଞ୍ଚାୟତର ଜଗନ୍ନାଥପୁର ଉଚ୍ଚ ବିଦ୍ୟାଳୟରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଶିକ୍ଷା ଓ ଦକ୍ଷତା ବିକାଶ ଆଧାରରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ପିଲାମାନଙ୍କ ଭିତରେ ଥିବା ଅନ୍ତର୍ନିହିତ ପ୍ରତିଭା ତଥା ବୌଦ୍ଧିକ ବିକାଶ ନିମନ୍ତେ ଏହି ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆୟୋଜନ କରଯାଇଥିଲା। ବାଲିଘର ଫାଉଣ୍ଡେଶନ ଅଧ୍ୟକ୍ଷ କୈଳାସ ଚନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସଙ୍ଗୀତ, ନୃତ୍ୟ, ବକ୍ତୃତା, ଚିତ୍ରାଙ୍କନ ଓ କବିତା ଆବୃତ୍ତି ପ୍ରଭୃତି ୫ଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ସମୁଦାୟ ୧୧୧ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ।

ଏହି ଅବସରରେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଗନ କୁମାର ସାହୁଙ୍କ ସୁପରିଚାଳନାରେ ଅବସରପ୍ରାପ୍ତ ଶିକ୍ଷକ ଲୋକନାଥ ବଡ଼ପଣ୍ଡା, ଶିକ୍ଷାବିତ୍ ବାବାଜୀ ଚରଣ ନାୟକ, ପଣ୍ଡିତ ନାଗମଣି କର ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ବୃନ୍ଦାବନ ନାୟକ ବିଚାରକ ଭାବେ ଯୋଗ ଦେଇ ଉପଯୁକ୍ତ ଚୟନ ପ୍ରକ୍ରିୟାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଚୟନ କରିଥିଲେ।

# ଇଫ୍‌କୋ ଜ୍ୟୋତି ଲେଡିଜ କ୍ଲବ 'ମାନନୀୟା-୨' ବିଜେତା

ପାରାଦୀପ,୨୭।୮(ଶରତ ରାଉତ)

**ରୋଷେଇ, ଅନ୍ତାକ୍ଷରୀ ପ୍ରତିଯୋଗିତା**

ପାରାଦୀପର ବିଜୁ କନ୍‌ଭେନଶନ ହଲ୍ ପରିସରରେ ରବିବାର ମହିଳା କ୍ଲବ ମଧ୍ୟରେ ରୋଷେଇ ଓ ଅନ୍ତାକ୍ଷରୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଇଫ୍‌କୋ ଜ୍ୟୋତି ଲେଡିଜ କ୍ଲବ ଉଭୟ ପ୍ରତିଯୋଗିତାରେ ବିଜୟୀ ହୋଇ ମାନନୀୟା-୨ ପୁରସ୍କାର ପାଇଛି। ଏଥିରେ ପାରାଦୀପ ଲେଡିଜ କ୍ଲବ, ଜ୍ୟୋତି ଲେଡିଜ କ୍ଲବ ଇଫ୍‌କୋ, ଉତ୍କଳ ଅଫିସର୍ସ ୱାଇଭ କ୍ଲବ, ଆଇଓସିଏଲ ଲେଡିଜ କ୍ଲବ, ପିପିଏଲ୍ ଲେଡିଜ କ୍ଲବ, କୋଷ୍ଟଗାର୍ଡ ୱାଇଭ ୱେଲଫେୟାର ଆସୋସିଏଶନର ମହିଳାମାନେ ଅଂଶଗ୍ରହଣ କରିଥିଲେ। ଶେଷରେ ବନ୍ଦର ଅଧ୍ୟକ୍ଷ ପି.ଏଲ.ହାରାନ୍ଧ, ଇଫକୋ ନିର୍ଦ୍ଦେଶକ କେ.ଜେ ପଟେଲ ଓ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ଉପସ୍ଥିତ ରହି ବିଜେତା କ୍ଲବକୁ ପୁରସ୍କୃତ କରିଥିଲେ।


ବିଜେତା କ୍ଲବକୁ ଅତିଥି ପୁରସ୍କୃତ କରୁଛନ୍ତି।

# ୨ କିଡ୍‌ନୀ ନଷ୍ଟ: ବିଛଣାରେ ଗଣେଶ


ପରିବାର ସହ କିଡ୍‌ନୀ ରୋଗରେ ଆକ୍ରାନ୍ତ ଗଣେଶ। ମା' ଦେବକୀ ପୁଅର ଚିକିତ୍ସା ଲାଗି କାନି ପାତି ଭିକ୍ଷା କରୁଛନ୍ତି।

ଆଳି,୨୭।୮(ବନମାଳୀ ସେନାପତି )

**କିଡନୀ ପ୍ରତିରୋପଣ ପାଇଁ ଅର୍ଥ ସାଜିଛି ବାଧକ**

ଦୁଇଟି କିଡ୍‌ନୀ ନଷ୍ଟ ହେବା ପରେ ଏବେ ଜୀବନ ଜିଇଁବା ପାଇଁ ସଂଘର୍ଷ କରୁଛନ୍ତି ଗଣେଶ ଧଳ(୩୮)। ସ୍ତ୍ରୀ ମିତାଲି ସ୍ୱାମୀଙ୍କୁ ନିଜର ଗୋଟିଏ କିଡ୍‌ନୀ ଦେବାକୁ ପ୍ରସ୍ତୁତ ଥିବା ବେଳେ ପ୍ରତିରୋପଣ ଓ ଚିକିତ୍ସା ନିମନ୍ତେ ଅର୍ଥ ବାଧକ ସାଜିଛି। ଏଭଳି ପରିସ୍ଥିତିରେ ମା କାନି ପାତି ଗାଁକୁ ଗାଁ ବୁଲି ପୁଅର ଜୀବନ ଭିକ୍ଷା କରୁଛନ୍ତି। ଗ୍ରାମବାସୀ ମଧ୍ୟ ଗଣେଶଙ୍କୁ ଭଲ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ଏଭଳି ଏକ ପରିବାର ଦେଖିବାକୁ ମିଳିଛି ଆଳି ବ୍ଲକ ବାଲକାଟି ପଞ୍ଚାୟତ ବଡ଼ଆଙ୍କୋ ଗାଁରେ।

ଗାଁର ଅକ୍ଷୟ ଓ ଦେବକୀଙ୍କ ବଡ଼ପୁଅ ଗଣେଶ ଏବେ ନିଜର ୨ଟି କିଡ୍‌ନୀ ନଷ୍ଟ ହେବା ପରେ ରୋଗ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଗଣେଶ କେରଳରେ ରହି କାର୍ଯ୍ୟ କରି ଯାହା ରୋଜଗାର କରୁଥିଲେ ସେଥିରେ ତାଙ୍କ ପରିବାର ଖୁସିରେ ଦିନ କାଟୁଥିଲେ। କିନ୍ତୁ ୨୦୧୬ରେ ଗଣେଶଙ୍କର ପ୍ରଥମେ ୨ଟି ଗୋଡ଼ର ପାଦ ଫୁଲିଯିବା ସହ ସେ ଚଳିବାରେ କଷ୍ଟ ପାଇଥିଲେ। ପ୍ରଥମେ ପଟ୍ଟାମୁଣ୍ଡାଇ ଓ ପରେ କେନ୍ଦ୍ରାପଡ଼ା ଜିଲା ଚିକିତ୍ସାଳୟରେ ଡାକ୍ତର ଦେଖାଇ ବିଭିନ୍ନ ପ୍ରକାର ପରୀକ୍ଷା କରି ଔଷଧ ଖାଇବା ପରେ ଯନ୍ତ୍ରଣା କମିଥିଲା। ପାଖାପାଖି ୨ବର୍ଷ ଯନ୍ତ୍ରଣା କମିଯିବା ପରେ ୨୦୧୮ ରେ ହଠାତ ସେହିପରି ପାଦରେ ଯନ୍ତ୍ରଣା ଅନୁଭବ କରି ଆଳି ଗେଷ୍ଟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଦେଖାଇଥିଲେ। ଡାକ୍ତର ଦେଖିବା ପରେ କିଡ୍‌ନୀ ସମସ୍ୟା ଥିବା କହି କଟକ ବଡ଼ ମେଡିକାଲ ରେଫର କରିଥିଲେ। ଗଣେଶ କଟକ ବଡ଼ ମେଡିକାଲରେ ପରୀକ୍ଷାନିରୀକ୍ଷା କରିବା ପରେ ତାଙ୍କର ୨ଟି କିଡ୍‌ନୀ ନଷ୍ଟ ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଏହି କଥା ଜାଣିବା ପରେ ପରିବାର ଲୋକଙ୍କ ପାଦ ତଳୁ ମାଟି ଖସି ପଡ଼ିଥିଲା। ପରିବାର ଲୋକ ଘରେ ଥିବା ସୁନାଗହଣା, ଜମିବାଡ଼ି, ବିଭିନ୍ନ ପ୍ରକାର ପଲିସି ଭାଙ୍ଗି ଦୀର୍ଘ ୫ ବର୍ଷ ହେବ ଗଣେଶଙ୍କ ଚିକିତ୍ସା କରୁଥିଲେ। ଏବେ ସେମାନଙ୍କ ନିକଟରେ ଆଉ ଔଷଧ ଖାଇବାକୁ ସମ୍ବଳ ନାହିଁ। ଦୀର୍ଘ ୮ ମାସ ହେବ ଅର୍ଥ ଅଭାବରୁ ଗଣେଶଙ୍କ ଔଷଧ ଖାଇବା ବନ୍ଦ ହୋଇଯାଇଛି। ଏବେ ଡାକ୍ତର ତାଙ୍କୁ ତୁରନ୍ତ କିଡ୍‌ନୀ ପ୍ରତିରୋପଣ ପାଇଁ ପରାମର୍ଶ ଦେଇଛନ୍ତି। ଏ ବାବଦରେ ପାଖାପାଖି ୧୫ ଲକ୍ଷ ଟଙ୍କା ଯୋଗାଡ଼ କରିବାକୁ କହିଛନ୍ତି। ରୋଜଗାରିଆ ପୁଅ ଗଣେଶକୁ ଭଲ କରିବାକୁ ବାପା ଅକ୍ଷୟଙ୍କ ପାଖରେ ଏବେ କାଣି କଉଡ଼ିଟିଏ ନାହିଁ। ଦିନ ମଜୁରି କରୁଥିବା ଅକ୍ଷୟଙ୍କ ନିକଟରେ ପୁଅଙ୍କୁ ଭଲ କରିବା ଅସମ୍ଭବ ହୋଇପଡ଼ିଛି। ଗଣେଶଙ୍କୁ ଭଲ କରିବା ନିମନ୍ତେ ସରକାର ଓ ସହୃଦୟ ବ୍ୟକ୍ତିମାନେ ମଧ୍ୟ ସହଯୋଗର ହାତ ବଢ଼ାଇଲେ ନିଶ୍ଚିତ ଭାବେ ସେ ଜୀବନ ଫେରି ପାଆନ୍ତେ।

# ବ୍ଲକସ୍ତରୀୟ କ୍ରୀଡ଼ାଙ୍ଗନ ପ୍ରଶିକ୍ଷଣ ଶିବିର

ଆଳି,୨୭।୮(ବନମାଳୀ ସେନାପତି)

ଆଳି ବ୍ଲକ ଅନ୍ତର୍ଗତ ଆଳି ଉଚ୍ଚ ବିଦ୍ୟାଳୟ ପରିସରରେ ମୋ ସ୍କୁଲ ଅଭିଯାନ ଓ ମ୍ୟାଜିକ ବସ ଅନୁଷ୍ଠାନର ମିଳିତ ସହଯୋଗରେ ଚାଲିଥିବା ୩ଦିନିଆ ବ୍ଲକସ୍ତରୀୟ କ୍ରୀଡ଼ାଙ୍ଗନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ବ୍ଲକର ୪୨ ବିଦ୍ୟାଳୟରୁ ୩୫ ଜଣ ଖେଳ ଶିକ୍ଷକ ଯୋଗ ଦେଇଥିଲେ। ଆଳି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ସେନାପତି ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଶିକ୍ଷକ ଭାବେ କ୍ରୀଡା ଶିକ୍ଷକ ପଟ୍ଟାମୁଣ୍ଡାଇ ବ୍ଲକର ବିଶ୍ୱରଞ୍ଜନ ସେଠୀ ଓ ସୁଶାନ୍ତ କୁମାର ମଲିକ ଯୋଗଦେଇ ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଜୀବନ କୌଶଳ ଅଭିବୃଦ୍ଧି ସମ୍ପର୍କରେ ତାଲିମ ଦେଇଥିଲେ। ବ୍ଲକସ୍ତରରେ ପ୍ରଶିକ୍ଷଣ ନେଇଥିବା ଶିକ୍ଷକମାନେ ନିଜ ନିଜ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ଏହି ଜୀବନ କୌଶଳ ବିଷୟରେ ତାଲିମ ଦେବେ ବୋଲି ଜଣାପଡ଼ିଛି।

# 'ସମୟଚକ୍ରରେ ମଞ୍ଚ ନାଟକ ତା'ର ଚାହିଦା ହରାଇ ବସିଛି'

ଜଗତ୍‌ସିଂହପୁର, ୨୭।୮
(ପ୍ରମୋଦ କୁମାର ନାୟକ)


ନାଟ୍ୟ ପରିଷଦର ସ୍ୱନକ୍ଷତ୍ର ଦିବସରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

**ବାଣୀକ୍ଷେତ୍ର ନାଟ୍ୟ ପରିଷଦ ସ୍ୱନକ୍ଷତ୍ର ଦିବସ**

ଦିନ ଥିଲା ମଞ୍ଚ ନାଟକ ଦେଖିବା ପାଇଁ ଅଞ୍ଚଳରେ ଖୁସିର ପରିବେଶ ଦେଖିବାକୁ ମିଳୁଥିଲା। ଅନେକ ଯୁଗାନ୍ତକାରୀ ନାଟକ ସମାଜରେ ଅନେକ କିଛି ପରିବର୍ତ୍ତନ ଆଣିପାରୁଥିଲା। ସେକ୍ସପିୟରଙ୍କୁ ପ୍ରଥମେ ଏକ ମଞ୍ଚ ନାଟକରେ ନାରୀ ଭୂମିକାରେ ଅଭିନୟ କରିବାକୁ ସୁଯୋଗ ମିଳିଥିଲା। ତା'ପରେ ସେକ୍ସପିୟର କେବଳ ଅଭିନୟ ନୁହେଁ ଅନେକ ଯୁଗାନ୍ତକାରୀ ନାଟକ ରଚନା କରି ପ୍ରସିଦ୍ଧିଲାଭ କରିପାରିଥିଲେ। ଓଡ଼ିଶାରେ ବିଶେଷକରି ଜଗତ୍‌ସିଂହପୁର ଜିଲାରେ ମଧ୍ୟ ଅନେକ ନାଟକ ଲୋକାଦୃତ ହୋଇପାରିଥିଲା। କିନ୍ତୁ ସମୟଚକ୍ରରେ ମଞ୍ଚ ନାଟକ ତା'ର ଚାହିଦା ହରାଇ ବସିଛି। ରବିବାର ସ୍ଥାନୀୟ ଆଦିକବି ଶାରଳା ଦାସ ସଂସ୍କୃତି ଭବନ ପରିସରରେ ବାଣୀକ୍ଷେତ୍ର ନାଟ୍ୟ ପରିଷଦ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଅବସରପ୍ରାପ୍ତ ନିର୍ଦ୍ଦେଶକ ପ୍ରାଧ୍ୟାପକ ଡ. କମଳା ପ୍ରସାଦ ମହାପାତ୍ର ଏହା କହିଛନ୍ତି। ସେ ଏକଥା ମଧ୍ୟ କହିଥିଲେ, ଜଗତ୍‌ସିଂହପୁର ଜିଲାର ଗର୍ବ ହେଉଛନ୍ତି ବାଳକୃଷ୍ଣ ମହାନ୍ତି। ତାଙ୍କ ନାଟକ ଏକଦା ସାରା ଓଡ଼ିଶାରେ ଚର୍ଚ୍ଚିତ ଥିଲା । ତାଙ୍କ ସହ ବୈଷ୍ଣବ ପାଣିଙ୍କ ପ୍ରତିଯୋଗିତା ମଧ୍ୟ ଆଲୋଚନାର ବିଷୟ ହେଉଥିଲା। ସେତେବେଳେ ନାଟକ ପ୍ରତି ଲୋକେ ଆକର୍ଷିତ ହେଉଥିଲେ। ରଜ ସମୟରେ ସେମାନେ ନିଜ ଗାଁରେ ଡ୍ରାମା କରୁଥିଲେ । ଏହି ଅନୁଭୂତି ମନେପଡିଲେ ଅନେକ ଖୁସି ଦିଏ। ଏବେ ବି ପରିଷଦ ଭଳି କେତେକ ନାଟ୍ୟ ସଂସ୍ଥା ନାଟକ ପରମ୍ପରାକୁ ବଞ୍ଚାଇ ରଖିବାକୁ ଉଦ୍ୟମ ଜାରି ରଖିଛନ୍ତି। ଏହା ବାସ୍ତବିକ ଗର୍ବ ଓ ଗୌରବର ବିଷୟ। ସାହିତ୍ୟ ଆମକୁ ଅନେକ କିଛି ଦିଏ। ସାହିତ୍ୟ ନ ଥିଲେ ଜୀବନ ନାହିଁ। ଏହା ସମାଜର ପ୍ରତିଫଳନ। ସାହିତ୍ୟ, ନାଟକ, କଳା ଲୋକଙ୍କ ଭିତରେ ସନ୍ତୁଳନ ଆଣିଥାଏ ବୋଲି ମହାପାତ୍ର କହିଥିଲେ। ଉତ୍ସବରେ ମୁଖ୍ୟବକ୍ତା ଭାବେ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ଅବସରପ୍ରାପ୍ତ ରିଡର ବରଦା ପ୍ରସାଦ ଦାସ କହିଥିଲେ, ଅତୀତରେ ପ୍ରଥମେ ପଥପ୍ରାନ୍ତ ନାଟକ ହେଉଥିଲା। ପରେ ମଞ୍ଚ ନାଟକ ହେଲା। ନିଜ ପିଲାବେଳ କଥା ସେ ମନେପକାଇ କହିଥିଲେ, ଗାଁରେ ଯେତେବେଳେ ଡ୍ରାମା କି ନାଟକ ହେବା କଥା ଶୁଣୁଥିଲୁ ସେତେବେଳେ ଖୁସିର ସୀମା ରହୁ ନ ଥିଲା। ଏହା ଲୋକଙ୍କ ଭିତରେ ସମ୍ପର୍କର ସେତୁ ସୃଷ୍ଟି କରୁଥିଲା। ଲୋକେ ମୂଲ୍ୟବୋଧଭିତ୍ତିକ ଜୀବନ ସହ ସାମାଜିକ ଦାୟିତ୍ୱବୋଧତା ପ୍ରତି ଆକର୍ଷିତ ହେଉଥିଲେ। କିନ୍ତୁ ଆଧୁନିକତାର ଛାପରେ ମଞ୍ଚ ନାଟକ ତା'ର ପରିଚୟ ହଜାଇବା ସ୍ଥିତିରେ ପହଞ୍ଚିଛି। ତଥାପି ଏହାକୁ ଉଜ୍ଜୀବିତ କରିରଖିବା ପାଇଁ ପରିଷଦ ଭଳି କେତେକ ଅନୁଷ୍ଠାନ ପ୍ରୟାସ ଜାରି ରଖିଥିବାରୁ ସେ ଧନ୍ୟବାଦ ଦେଇଥିଲେ। ପରିଷଦ ସଭାପତି ଉତ୍କଳ ରଞ୍ଜନ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ଦିଲୀପ କୁମାର ଜେନା ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଯୋଗ ଦେଇଥିଲେ। ଗୋପାଳ କୃଷ୍ଣ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ସାମାଜିକ କର୍ମୀ ମୁରଲୀଧର ରଥଙ୍କୁ ବାଣୀପ୍ରଭା ସମ୍ମାନ, ବିଶିଷ୍ଟ ସାହିତ୍ୟ ଗବେଷକ ମହେନ୍ଦ୍ର କୁମାର ଆଚାର୍ଯ୍ୟଙ୍କୁ ବାଣୀ ସାହିତ୍ୟ ସମ୍ମାନ ଓ ବିଶିଷ୍ଟ ଅଭିନେତା ଓ ନିର୍ଦ୍ଦେଶକ ଶରତ ଚନ୍ଦ୍ର ବିଶ୍ୱାଳ (ବୁଲୁ)ଙ୍କୁ ବାଣୀ କାଞ୍ଚନ ସମ୍ମାନରେ ସମ୍ମାନିତ କରାଯାଇଥିଲା।

**OFFICE OF THE PRINCIPAL, CHIKITI MAHAVIDYALAYA, CHIKITI, GANJAM**
**QUOTATION CALL NOTICE**
No.:1495/CM Dated 26.08.2023
Sealed quotations are invited from eligible reputed intending registered firms / suppliers/ authorized dealers having valid GST registration, PAN and TIN No. for supply of Laboratory Equipments-Projector, Interactive Board, Computer, Printer and other Science Lab Equipments to the College. The quotation paper and other details should reach the Principal by speed post on or before 2 P.M. on 07.09.2023. The quotation will be opened before the Purchase Committee at 3.30 P.M. on 07.09.2023. The authority reserves the right to cancel the quotations without assigning any reason thereof. Visit Chikiti Mahavidyalaya website www.cmvedu.in for further details.
**Sd./- Principal, Chikiti Mahavidyalaya, Chikiti, Ganjam**

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
OSIC GST No. 21AAACO2101M1Z1 No.CAD-1852
**TENDER CALL NOTICE**
**Tender Notice No.4199/MKT/OSIC** **Dt.25.08.2023**
OSIC invites sealed bids from experienced Manufacturers/ Suppliers /MSMEs/Dealers/ Distributors having due OEM authorization for supply & installation of Interactive Panel and other IT peripherals in High Schools ($4^{th}$ phase) Transformation of Ganjam District. The tender document along with detail specification and quantity of the item as well as the terms and conditions is available in OSIC website. Any corrigendum/ changes/ modifications will appear in OSIC Ltd. website: www.osicltd.in only and all the tenderers are to refer to above website.
Sd/-
GENERAL MANAGER(O)
OIPR-14073/11/0047/2324

**ZILLA PARISHAD, DEOGARH**
**INVITATION OF OBJECTIONS FOR THE POST OF GRS**
Last date: 11.09.2023 No.CAD-182
This is for information of all the applicants applied for the post of 6 (Six) Nos. of Gram Rozgar Sevaks for Deogarh District on contractual basis vide Advt. No. 1098/ ZP/ Esst., Date 30.05.2023. The preliminary scrutiny of their applications have been done by the Scrutiny Committee and a Provisional Merit list along with a rejected list of candidates have been published & web hoisted in the district website www.deogarh.nic.in. The applicants can view the status of their application by browsing the above website and they may file their objection(s), if any, to the CDO-cum-EO, Zilla Parishad, Deogarh in writing or to the Zilla Parishad, Deogarh through E-mail to 'ori-ddeogarh@nic.in'. The last date for filing of objections by the candidates is **11.09.2023 by 5.00 P.M.** (email or offline).
**Sd./- Collector-cum-CEO**
**Zilla Parishad, Deogarh**
OIPR-19366/11/0007/2324

# ନଡ଼ିଆ କତା ହସ୍ତଶିଳ୍ପ କ୍ଲଷ୍ଟର ଘୋଷଣାରେ ସୀମିତ

- ୪ ବର୍ଷ ବିତିଲା, ମିଳିନି ଅନୁଦାନ
- ଜିଲାରେ ଅଛନ୍ତି ୫୦୦ରୁ ଅଧିକ କାରିଗର
- ନଡ଼ିଆ କତା ସାମଗ୍ରୀ ପରିବେଶ ପାଇଁ ଅନୁକୂଳ


କାରଗରମାନେ କତାରେ କଣ୍ଢେଇ ନିର୍ମାଣ କରୁଛନ୍ତି।

**କେନ୍ଦ୍ରାପଡ଼ା, ୨୭।୮ (ଜଗନ୍ନାଥ ଧଳ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱିତୀୟ ଥର ସରକାର ଗଠନ ସମୟରେ ଓଡ଼ିଶାର ଏମ୍‌ପି ପ୍ରତାପ ଷଡଙ୍ଗୀଙ୍କୁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ପଦ ମିଳିଥିଲା। ଏହି ସମୟରେ ସ୍କିମ୍ ଫର ରିଜେନେରେଶନ ଅଫ୍ ଟ୍ରାଡିଶନାଲ ଇଣ୍ଡଷ୍ଟ୍ରିଜ(ସ୍ଫୁର୍ତ୍ତି) ମାଧ୍ୟମରେ ରାଜ୍ୟର ୧୫ଟି ନଡ଼ିଆ କତା ହସ୍ତଶିଳ୍ପ ଖୋଲିବାକୁ ଘୋଷଣା କରିଥିଲେ। ଏଥିସହ ୨୦୧୯ ଅଗଷ୍ଟ ୨୫ରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ କୋଣାର୍କ, ପୁରୀ, ବ୍ରହ୍ମପୁର, ବାଲେଶ୍ୱର ଓ କେନ୍ଦ୍ରାପଡ଼ାରେ କ୍ଲଷ୍ଟରର ଶିଳାନ୍ୟାସ କରିଥିଲେ। ଇତିମଧ୍ୟରେ ଏହି ଶିଳାନ୍ୟାସକୁ ୪ ବର୍ଷ ପୂରିବାକୁ ଯାଉଛି। କ୍ଲଷ୍ଟର ପାଇଁ ୧୦ କୋଟି ଟଙ୍କାରୁ ପ୍ରଥମ ପର୍ଯ୍ୟାୟର ୨.୫ କୋଟି ଟଙ୍କା ଅନୁଦାନ ଅଦ୍ୟାବଧି ଆସିନାହିଁ। ଘୋଷଣାରେ ସୀମିତ ଏହି କ୍ଲଷ୍ଟରକୁ ଉଚ୍ଚ ଆଶା ରଖିଥିବା ଜିଲାର ୫୦୦ରୁ ଉର୍ଦ୍ଧ୍ୱ କାରିଗର ନିରାଶ ହୋଇଛନ୍ତି। ପରିବେଶ ସୁରକ୍ଷା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଥିବା ପ୍ରଚାର ପ୍ରସାର ହେଉଥିବା ବେଳେ ଏହା ବାସ୍ତବରେ କାର୍ଯ୍ୟକାରୀ ହେଉ ନ ଥିବା ବୁଦ୍ଧିଜୀବୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ଉମାରାଣୀ ସ୍ୱୟଂ ସହାୟକ ଗୋଷ୍ଠୀର ବନସ୍ମିତା ସାମଲ କହିଛନ୍ତି, ଜିଲାର ପାରିପଙ୍ଗରା, ନନତାର, ଆକୁଳିପଡ଼ା, ପିମ୍ପୁଡ଼ି, ଆଇତିପଡ଼ା, ପଲ୍ଲୀ ସାହାଡ଼ା, ଶାସନ, ତରାସ, ସିଆଳିଆ ଆଦି ଗ୍ରାମରେ ୫୦୦ରୁ ଉର୍ଦ୍ଧ୍ୱ ନଡ଼ିଆ କତା ହସ୍ତଶିଳ୍ପୀ କାରିଗର ଅଛନ୍ତି। ସାମଗ୍ରୀ ନିର୍ମାଣ ସମୟରେ ନଡ଼ିଆ କତା, ରଙ୍ଗ ଆଦି ସହଜରେ ମିଳୁ ନ ଥିବା ବେଳେ ବିକ୍ରି ପାଇଁ ବାରଦୁଆର ହେବାକୁ ପଡୁଛି। ଏହି ଶିଳ୍ପ ପାଇଁ ସହଜରେ ଋଣ ମିଳୁ ନ ଥିବାରୁ ହାତ ଉଧାର କରି ସାମଗ୍ରୀ ତିଆରି କରିବାକୁ ପଡୁଛି। ବର୍ଷକରେ ଥରେ ଦୁଇଥର ପଲ୍ଲିଶ୍ରୀ ମେଳା ହେଉଛି। କେନ୍ଦ୍ର ସରକାରଙ୍କ କ୍ଲଷ୍ଟର ଯୋଜନା କାର୍ଯ୍ୟକାରୀ ହୋଇଥିଲେ ଏସବୁ ସମସ୍ୟାର ସମାଧାନ ହୋଇଥାନ୍ତା। ତେବେ ତତ୍କାଳୀନ ମନ୍ତ୍ରୀ ଷଡଙ୍ଗୀଙ୍କ କ୍ଲଷ୍ଟର ନିର୍ମାଣ ଘୋଷଣା ଆମ ଜିଲା ପାଇଁ ଉପହାସ ପରି ଲାଗୁଛି। ବାୟାବାବା ମହିଳା କତା ସମବାୟ ସମିତି ସମ୍ପାଦିକା ଶ୍ରୀମତୀ ନାୟକ କହିଛନ୍ତି, ନଡ଼ିଆ କତାରେ ନିର୍ମିତ ସାମଗ୍ରୀ ପରିବେଶ ଅନୁକୂଳ। ଏହା ପ୍ଲାଷ୍ଟିକର ଚାହିଦା କମାଇବା ସହ ସମୟକ୍ରମେ ନଷ୍ଟ ହେବାରେ ଅସୁବିଧା ନାହିଁ। ସମିତି ସଦସ୍ୟାମାନେ ମ୍ୟାଟ, କାର୍ପେଟ, କାନ୍ଥ ଝୁଲା, ଟୋପି, ବାସ୍କେଟ, ହାତପଙ୍ଖା, ଫୁଲଦାନୀ ଆଦି ସାମଗ୍ରୀ ସୁନ୍ଦର ଭାବେ ପ୍ରସ୍ତୁତ କରୁଛନ୍ତି। ତେବେ ଏସବୁ ବିକ୍ରି ପାଇଁ କୌଣସି ପ୍ରୋତ୍ସାହନ ନାହିଁ। ବୁଦ୍ଧିଜୀବୀ ପ୍ରଶାନ୍ତ କୁମାର ନାୟକ କହିଛନ୍ତି, ରାଜନେତାମାନେ କେନ୍ଦ୍ରାପଡ଼ା ଜିଲାବାସୀଙ୍କୁ ପ୍ରତିଶ୍ରୁତି ଦେଇ ଠକିବାର ବହୁ ନଜିର ଅଛି। ବରୁଣେଇ ବନ୍ଦର, ଥର୍ମାଲ ପ୍ଲାଣ୍ଟ, ଶିଳ୍ପ, କେନ୍ଦ୍ରାପଡ଼ା ସହରକୁ ଗୁରଗାଁଓ ପରି ଗଢ଼ି ତୋଳିବା, ଆଖଡାଶାଳୀ ବନ୍ଦରଠାରୁ ଆରମ୍ଭ କରି ଜଳ ପରିଚାଳନା, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ବ୍ୟବସ୍ଥା, ଗମନାଗମନ, ଭିତରକନିକାକୁ ବିଶ୍ୱ ଐତିହ୍ୟ ତାଲିକାରେ ସାମିଲ କରିବା ଆଦି ବହୁ ପ୍ରତିଶ୍ରୁତି ଜିଲାବାସୀଙ୍କୁ ମିଳିଛି। ପ୍ରତିଶ୍ରୁତିଗୁଡ଼ିକ କାର୍ଯ୍ୟକାରୀ ହେବା କେହି କେବେ ଦେଖିନାହାନ୍ତି। କର୍ମନିଯୁକ୍ତି ଏହି ଜିଲାରେ ଏକ ବଡ଼ ସମସ୍ୟା ହୋଇଥିବା ବେଳେ ନିରାକରଣ ନ ଥିବାରୁ ଯୁବବର୍ଗ ଦାଦନ ଖଟିବାକୁ ଯାଉଛନ୍ତି। ନଡ଼ିଆ କତା ହସ୍ତଶିଳ୍ପ କ୍ଲଷ୍ଟର ହୋଇଥିଲେ ଜିଲାର ବହୁ ମହିଳା କାରିଗର ଆତ୍ମନିର୍ଭର ହୋଇ ପାରିଥାନ୍ତେ। ଦକ୍ଷତା ତାଲିମ ସହ ଶିଳ୍ପ ପାଇଁ ଭିତ୍ତିଭୂମି ମିଳିଥାନ୍ତା। ଏବେ କାଇଁଛ ଶିଳ୍ପ ସାମଗ୍ରୀ ଅନଲାଇନରେ ଉପଲବ୍ଧ ହେଉଛି। ସେହିପରି ନଡ଼ିଆ କତା ଶିଳ୍ପର ପୁନର୍ଜନ୍ମ ହୋଇଥାନ୍ତା। ରାଜନେତା ଓ ପ୍ରଶାସକଙ୍କ ସମନ୍ୱୟ ନ ଥିବାରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା ତୃଣମୂଳସ୍ତରରେ ପହଞ୍ଚି ପାରୁ ନାହିଁ। ଏ ସମ୍ପର୍କରେ ଜିଲା ଶିଳ୍ପ କେନ୍ଦ୍ର ପରିଚାଳକ ଗଣେଶ ଚନ୍ଦ୍ର ବେହେରାଙ୍କୁ ପଚାରିବାରେ ଏ ନେଇ କୌଣସି ଅନୁଦାନ ଜିଲାକୁ ଆସିନାହିଁ। କ୍ଲଷ୍ଟର ଯୋଜନାର ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିବେ ବୋଲି ସେ କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବିଜୟ



@ ଦୀପକ


@ ପଙ୍କଜ


@ ରଶ୍ମିତା


@ ପପୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସାର ଦୋରାବ୍‌ଜୀ ଟାଟାଙ୍କ ୧୬୪ତମ ଜନ୍ମବାର୍ଷିକୀ



ଟାଟାଙ୍କ ଜନ୍ମ ବାର୍ଷିକୀ ଉତ୍ସବରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

**ଯାଜପୁର, ୨୭।୮ (ହର୍ଷବର୍ଦ୍ଧନ ବେହେରା)**

କଳିଙ୍ଗନଗର ଟାଟା ଷ୍ଟିଲ୍ କାରଖାନା ପକ୍ଷରୁ ରବିବାର ସାର ଦୋରାବ୍‌ଜୀ ଟାଟାଙ୍କ ୧୬୪ତମ ଜନ୍ମବାର୍ଷିକୀ ପାଳିତ ହୋଇଯାଇଛି। ଏହିଅବସରରେ କାରଖାନା ପରିସରରେ ଟାଟା ଷ୍ଟିଲ୍ କଳିଙ୍ଗନଗରର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ସାର୍ ଦୋରାବ୍‌ଜୀ ଟାଟାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାସହ ବ୍ରାହ୍ମଣୀପାଳସ୍ଥିତ ହାଉସିଂ କମ୍ପ୍ଲେକ୍ସଠାରେ ଟାଟା ଷ୍ଟିଲ୍, ଟାଟା ଷ୍ଟିଲ୍ ୟୁଟିଲିଟିଜ୍ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍ଚର ସର୍ଭିସେସ୍ ଲିମିଟେଡ୍ (ଟିଏସ୍‌ୟୁଆଇଏସ୍‌ଏଲ୍) ଏବଂ ଜିର୍ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ୍ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଇଥିଲା। ଉପସ୍ଥିତ ବକ୍ତାମାନେ ସାର୍ ଦୋରାବ୍‌ଜୀ ଟାଟାଙ୍କ ସମ୍ପର୍କରେ କହିଥିଲେ ଯେ, ସେ ପ୍ରଥମ ଅଧ୍ୟକ୍ଷ ଥିଲେ ଯିଏ ସମୟଠାରୁ ଊର୍ଦ୍ଧ୍ୱରେ ଯାଇ କମ୍ପାନୀର କର୍ପୋରେଟ୍ ବ୍ୟବସ୍ଥାରେ ବିଭିନ୍ନ ମାନକକୁ ଅନ୍ତର୍ଭୁକ୍ତ କରିଥିଲେ। ଆଇନଗତ ବ୍ୟବସ୍ଥା ଭାବେ ଲାଗୁ ହେବାର ବହୁ ପୂର୍ବରୁ ସେ ପ୍ରଥମ ଥର ପାଇଁ ୮ ଘଣ୍ଟିଆ କାର୍ଯ୍ୟ ଦିବସ, ମାତୃତ୍ୱ ଅବକାଶ, ଭବିଷ୍ୟନିଧି ପାଣ୍ଠି, ଦୁର୍ଘଟଣାଜନିତ କ୍ଷତିପୂରଣ, ମାଗଣା ଚିକିତ୍ସା ସହାୟତା ଏବଂ ଅନେକ ଜନକଲ୍ୟାଣ ପଦକ୍ଷେପର ଶୁଭାରମ୍ଭ କରିଥିଲେ। ନିଜ ପ୍ରାରମ୍ଭିକ ଜୀବନରେ ଏକ ଆଗ୍ରହୀ କ୍ରୀଡ଼ାବିତ୍ ଭାବେ ପରିଚିତ ସାର୍ ଦୋରାବ୍‌ଜୀ ଟାଟା ଭାରତୀୟ ଅଲିମ୍ପିକ୍ ଆସୋସିଏଶନ୍‌ର ପ୍ରଥମ ସଭାପତି ଥିଲେ ଓ ଭାରତକୁ ଅଲିମ୍ପିକ୍ସରେ ପ୍ରବେଶ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ମହାନ୍ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତିତ୍ୱ ଭବିଷ୍ୟତରେ ବ୍ୟବସାୟୀ ଏବଂ ଉଦ୍ୟୋଗୀ ପିଢ଼ିକୁ ପ୍ରେରଣା ଯୋଗାଇବ। ଟାଟା ଷ୍ଟିଲ୍ ଏହି ଅଗ୍ରଦୂତଙ୍କ ସାହସ ଓ ଦୃଢ଼ବିଶ୍ୱାସକୁ ସଲାମ କରିବା ସହିତ ଏକ ଶକ୍ତିଶାଳୀ ଏବଂ ଆତ୍ମନିର୍ଭର ଭାରତ ଗଠନ ଦିଗରେ କାର୍ଯ୍ୟ ଜାରି ରଖିବ ବୋଲି ମତବ୍ୟକ୍ତ କରିଥିଲେ।

# 'ଶ୍ରୀ ବିରଜା ପ୍ରଣୟାଞ୍ଜଳିଶତକମ୍' ସ୍ତୁତିକାବ୍ୟ ଉନ୍ମୋଚିତ

**ଯାଜପୁର ଟାଉନ, ୨୭।୮ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ବିରଜା ମନ୍ଦିର ସଂସ୍କୃତି ଗବେଷକ ତଥା ମନ୍ଦିରର ବରିଷ୍ଠ ପୁରୋଧା ଡ. ଜ୍ଞାନରଞ୍ଜନ ପତିଙ୍କ 'ଶ୍ରୀବିରଜା ପ୍ରଣୟାଞ୍ଜଳିଶତକମ୍' ନାମକ ପ୍ରଥମ ସ୍ତୁତିକାବ୍ୟ ଉନ୍ମୋଚିତ ହୋଇଯାଇଛି। ମା'ବିରଜା ମନ୍ଦିର ନିକଟ ବିରଜା ହାଇସ୍କୁଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିରଜା ମନ୍ଦିର ଟ୍ରଷ୍ଟି ତଥା ଉପଜିଲାପାଳ ଗୋପୀନାଥ କୁଅଁର ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବରେଣ୍ୟ ଅତିଥି ଭାବେ ପ୍ରଫେସର ବଟକୃଷ୍ଣ ମହାପାତ୍ର, ବିଶ୍ୱମ୍ଭର ମିଶ୍ର, ବନବିହାରୀ ମହାପାତ୍ର ଓ ନୃସିଂହ ଚରଣ ମହାପାତ୍ର ପ୍ରମୁଖ ଯୋଗଦେଇ ଡ. ପତିଙ୍କ ଲିଖିତ ପ୍ରଥମ ସ୍ତୁତିଶତକର ପ୍ରଶଂସା କରିବା ସହ ଏହା ମା'ବିରଜାଙ୍କ ମହିମାକୁ ଦ୍ୱିଗୁଣିତ କରି ପ୍ରସାର କରିବ ବୋଲି ମତବ୍ୟକ୍ତ କରିଥିଲେ। ପଣ୍ଡିତ ଅଜୟ ନନ୍ଦ ପୁସ୍ତକକୁ ସମୀକ୍ଷା କରି ଏହା ଲେଖକ ଡ. ପତିଙ୍କର ମା' ବିରଜାଙ୍କ ପ୍ରତି ପ୍ରଗାଢ଼ ଆତ୍ମନିବେଦନର ଭକ୍ତିଅର୍ଘ୍ୟ ବୋଲି ମତ ଦେଇଥିଲେ। ଏହା ସମସ୍ତ ଭକ୍ତଙ୍କୁ ମା'ଙ୍କ ମହିମା ସମ୍ପର୍କରେ ଅବଗତ କରିବ ବୋଲି ସେ କହିଥିଲେ। ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା, ବହୁ ବିରଜା ପ୍ରେମୀ, ବୁଦ୍ଧିଜୀବୀ, ଗବେଷକ, ଲେଖକ ଓ କବି ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ଦାମୋଦର ବେହେରା ଅତିଥି ପରିଚୟ ଓ ସ୍ୱାଗତ ସୂଚନା ପ୍ରଦାନ କରିଥିବାବେଳେ ସରସ୍ୱତୀ ଇଣ୍ଡୋଲୋଜିକାଲ ପବ୍ଲିକେସନ୍‌ର ପ୍ରକାଶକ ମନୋରଞ୍ଜନ ପତି ଧନ୍ୟବାଦ ଦେଇଥିଲେ।


ଅତିଥି 'ଶ୍ରୀ ବିରଜା ପ୍ରଣୟାଞ୍ଜଳିଶତକମ୍' ସ୍ତୁତିକାବ୍ୟ ଉନ୍ମୋଚନ କରୁଛନ୍ତି।

# ବ୍ରାଉନସୁଗାର ଜବତ, ଜଣେ ଗିରଫ

**ଯାଜପୁର ଟାଉନ, ୨୭।୮ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ଟାଉନ ଥାନା ଅନ୍ତର୍ଗତ ବୈତରଣୀ ନଦୀବନ୍ଧର ବରାହନାଥ ମନ୍ଦିର ନିକଟରୁ ପୋଲିସ ୯.୬ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହିତ ଯୁବକଙ୍କ ବାଇକ୍ ଓ ମୋବାଇଲକୁ ମଧ୍ୟ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଟାଉନ୍ ଥାନା ଗୋପାଳପୁର ଗ୍ରାମର କୁନା ବେହେରା(୨୨)। କୁନା ଉକ୍ତ ଅଞ୍ଚଳରେ ବ୍ରାଉନସୁଗାର ଆଣି ବ୍ୟବସାୟ କରୁଥିଲେ। କୌଣସି ସୂତ୍ରରୁ ଖବର ପାଇ ଥାନାଧିକାରୀ ବିଲ୍ଲମଙ୍ଗଳ ସେଠୀଙ୍କ ନିର୍ଦ୍ଦେଶକ୍ରମେ ପୋଲିସ୍ ଟମ୍ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା। ଏନେଇ ଥାନାରେ ନଂ.୩୧୯/୨୩ରେ ମାମଲା ରୁଜୁ ହୋଇଛି।

# ସହରବାସୀ ପିଉଛନ୍ତି ନର୍ଦ୍ଦମା ପାଣି

## ନୀରବଦ୍ରଷ୍ଟା ଜନସ୍ୱାସ୍ଥ୍ୟ ବିଭାଗ

**ଯାଜପୁର ଟାଉନ, ୨୭।୮ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**


ପାଇପ୍‌ରେ ଆସିଥିବା ମଇଳା ପାଣି।

ଯାଜପୁର ସହରରେ ଜନସ୍ୱାସ୍ଥ୍ୟ ବିଭାଗ ଜରିଆରେ ବିଶୁଦ୍ଧ ପାନୀୟ ଜଳ ପାଇପ ମାଧ୍ୟମରେ ଯୋଗାଇ ଦିଆଯାଉଛି ବୋଲି ପ୍ରଚାର କରାଯାଉଛି। କିନ୍ତୁ ଅଧିକାଂଶ ସମୟରେ ବହୁ ଅଞ୍ଚଳରେ ପାଇପ୍‌ଗୁଡ଼ିକରେ କଳା ନର୍ଦ୍ଦମା ପାଣି ଆସୁଛି। ମଝିରେମଝିରେ ପାଇପ୍‌ଗୁଡ଼ିକ ସଫା ହେବାବେଳେ ସାଧାରଣତଃ କାଦୁଅମିଶା ପାଣି ଆସିଥାଏ। କିନ୍ତୁ ୩ ଦିନ ହେବ ସହରର ଭୀମକରପୁର, ରାଉତରାପୁର, ନୂଆଗାଁ, ମହାବୀରଛକ, ଭାଗବତପୁର ଆଦି ଅଞ୍ଚଳରେ ସମ୍ପୂର୍ଣ୍ଣ ନର୍ଦ୍ଦମା ଜଳ ସପ୍ଲାଏ କରାଯାଉଛି। ଏହାକୁ ଲୋକେ ପାନୀୟ ଜଳ ଭାବେ ବ୍ୟବହାର କରୁଛନ୍ତି। କେବଳ ସେତିକି ନୁହେଁ, ସହରର ହାବେଳିବଜାର ଛକଠାରୁ ଭାୟା ବଡ଼ବଜାର, ରାଜପୁର ଦେଇ ଗଙ୍ଗେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଯାଇଥିବା ପ୍ରାୟ ଅଧା କିଲୋମିଟର ଦୂରତାର ପାଇପ୍ ପ୍ରାୟ ୬୦ ବର୍ଷ ତଳୁ ପରିବର୍ତ୍ତନ କରାଯାଇନାହିଁ। ଫଳରେ ବଡ଼ବଜାର, ରାଜପୁର, ବଡ଼ଶାସନ, ଜାଗେଶ୍ୱରପୁର, ହାବେଳିବଜାର, ବିବିସରାଇ, ଡେଲିମାର୍କେଟ, ପୁରୁଣା ବସ୍‌ଷ୍ଟାଣ୍ଡ, ନୂଆବସ୍‌ଷ୍ଟାଣ୍ଡ ଆଦି ଅଞ୍ଚଳର ପ୍ରାୟ ୫ହଜାରରୁ ଉର୍ଦ୍ଧ୍ୱ ସହରବାସୀ ପ୍ରତିଦିନ ନର୍ଦ୍ଦମା ପାଣି ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି।

ସମସ୍ତଙ୍କର ନଳକୂପ ନ ଥିବାରୁ ବାଧ୍ୟ ହୋଇ ଏହି ପାଇପ ଜଳ ଉପରେ ସବୁପ୍ରକାର ବ୍ୟବହାର ପାଇଁ ନିର୍ଭର କରିଥାନ୍ତି। ଆଉ ଜନସ୍ୱାସ୍ଥ୍ୟ ବିଭାଗ ଜନଗଣଙ୍କ ସ୍ୱାସ୍ଥ୍ୟରକ୍ଷା ପାଇଁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପରିବର୍ତ୍ତେ ନର୍ଦ୍ଦମା ଜଳ ଯୋଗାଇଦେଇ ନାନାଦି ରୋଗରେ ପୀଡ଼ିତ କରିବାର ବ୍ୟବସ୍ଥା କରୁଛି ବୋଲି ଅଭିଯୋଗ ହୋଇଛି। ପୁରୁଣା ପାଇପ୍ ପରିବର୍ତ୍ତନ ସହିତ ସହରବାସୀଙ୍କୁ ସିଧାସଳଖ ପାଇପ୍‌ରୁ ବିଶୁଦ୍ଧ ପାନୀୟ ଜଳ ପିଇବା ବ୍ୟବସ୍ଥା କରିବାକୁ ଜନସ୍ୱାସ୍ଥ୍ୟ ବିଭାଗ ଏବଂ ପୌର ପ୍ରଶାସନକୁ ସହରବାସୀ ଦାବି କରିଆସୁଥିଲେ ମଧ୍ୟ ଏ ଦିଗରେ ଧ୍ୟାନ ଦିଆଯାଉନାହିଁ ବରଂ ପାନୀୟଜଳ ଟିକସ୍ ପାଇଁ ପୌରପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଉଛି ବୋଲି ସହରବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ଅବନୀ ଖୁଣ୍ଟିଆଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଏହି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଶୈକ୍ଷିକ ବାତାବରଣ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବାରେ ସହାୟକ ହେବ

**ବଡ଼ଚଣା, ୨୭।୮ (ଦିଲୀପ କୁମାର ମହାନ୍ତି):**

ବଡ଼ଚଣା ଶିକ୍ଷାମଣ୍ଡଳ ଅଧୀନ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ରୋଷେଇ ଗୃହ, ଭୋଜନ କକ୍ଷ, ସାଇକେଲ ଷ୍ଟାଣ୍ଡ ଓ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସର ଶିଳାନ୍ୟାସ କରାଯାଇଛି। ମୁଖ୍ୟଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଏସବୁର ଶିଳାନ୍ୟାସ କରିବା ସହ ଶୈକ୍ଷିକ ବାତାବରଣ ହିଁ ଛାତ୍ରଛାତ୍ରୀଙ୍କର ଭବିଷ୍ୟତ ଗଢ଼ିବାରେ ବେଶ ସହାୟକ ହୋଇଥାଏ। ପାଠ ପଢ଼ିବାକୁ ହେଲେ ଉତ୍ତମ ପରିବେଶ, ଛାତ୍ରୀଛାତ୍ରଙ୍କ ରହିବା ପାଇଁ ସୁନ୍ଦର ଘର ଓ ଖେଳ କସରତ ପାଇଁ ଖେଳପଡ଼ିଆ ହିଁ ପିଲାଙ୍କ ଭବିଷ୍ୟତ ଗଢିବାରେ ବହୁ ସହାୟକ ହୋଇଥାଏ ବୋଲି କହିଥିଲେ। ଏହି ବିଦ୍ୟାଳୟଟି ଆଜି ଜିଲାରେ ଏକ ଉତ୍ତମ ବିଦ୍ୟାଳୟ ରୂପେ ଗଢି ଉଠିଛି। ଏଠାରେ ୩୨୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏହା ଅଳ୍ପଦିନେ ରାଜ୍ୟର ଏକ ପ୍ରମୁଖ ଆଦର୍ଶ ବିଦ୍ୟାଳୟ ରୂପେ ନିଶ୍ଚୟ ସ୍ଥାନ ନିରୂପଣ କରିବ ବୋଲି ସେ ପ୍ରକାଶ କରିଥିଲେ। ଜିଲାପରିଷଦ ଉପସଭାପତି ଗଣେଶ୍ୱର ବରାଳ ସଭାପତିତ୍ୱ କରିଥିବାବେଳେ ବିଦ୍ୟାଳୟ ଅଧ୍ୟକ୍ଷା ଅପସ୍ମିତା ବିଶ୍ୱାଳ ସ୍ୱାଗତ ଭାଷଣ ଓ ବିଦ୍ୟାଳୟ ବିବରଣୀ ପାଠ କରିଥିଲେ। ସମ୍ମାନିତ ଅତିଥି ଭାବେ ବଡ଼ଚଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର ପ୍ରଧାନ, ବଡ଼ଚଣା ସରପଞ୍ଚ ରାଜଲକ୍ଷ୍ମୀ ମହାନ୍ତି, ସମିତିସଭ୍ୟ ମଧୁସୁଦନ ବଳ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ଜିଲାପରିଷଦ ସଭ୍ୟ ଅରବିନ୍ଦ ସାମଲ, ଚିନ୍ମୟ ମହାନ୍ତି ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ଯଶ ଗାନ କରିବା ସହ ବିଧାୟକଙ୍କ ବିଦ୍ୟାଳୟ ପ୍ରତି ଅବଦାନକୁ ପ୍ରଶଂସା କରିଥିଲେ। ପବନେଶ୍ୱର ଜେନା ଧନ୍ୟବାଦ ଦେଇଥିଲେ।

# ଦଳ ବିରୋଧୀ କାର୍ଯ୍ୟ: ବ୍ଲକ ସଭାପତିଙ୍କୁ ବହିଷ୍କାର ପାଇଁ ସୁପାରିସ

## ରାଜନଗର ବିଜେଡି ରାଜନୀତିରେ ଝଡ଼

**ରାଜନଗର, ୨୭।୮ (ଭାସ୍କରରାଉତରାୟ)**



ବୈଠକରେ ବିଜେଡି ସଭାପତି ଉତ୍କଳ କେଶରୀ ପରିଡା, ବିଧାୟକ ଧ୍ରୁବ ସାହୁ ଓ ଅନ୍ୟମାନେ।

ନିର୍ବାଚନ ଆଉ ଦିନ କେଇଟା ଥିବାବେଳେ ରାଜନଗର ବିଜେଡି ରାଜନୀତିରେ ଝଡ଼ ସୃଷ୍ଟି ହୋଇଛି। ରାଜନଗର ବ୍ଲକ ବିଜେଡି ସଭାପତି, ୩୧ନଂ. ଜୋନ ଜିଲାପରିଷଦ ସଭ୍ୟ, ଏମ୍‌ପିଙ୍କ ପ୍ରତିନିଧି ତଥା କେନ୍ଦ୍ରାପଡ଼ା ଜିଲା ପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ ଦଳ ବିରୋଧୀ କାର୍ଯ୍ୟ କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ତେଣୁ ତାଙ୍କୁ ଦଳ ଓ ପଦରୁ ବହିଷ୍କାର କରିବାକୁ ରବିବାର ବ୍ଲକର ଡାଙ୍ଗମାଳସ୍ଥିତ ମା'ଜୟଦୁର୍ଗାଙ୍କ କଲ୍ୟାଣ ମଣ୍ଡପରେ ବିଜେଡିର ଗୁରୁତ୍ୱପୂର୍ଣ୍ଣ ସାଙ୍ଗଠନିକ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବ୍ଲକର ୨୯ଟି ପଞ୍ଚାୟତର ସଭାପତି, ନିର୍ବାଚିତ ଓ ପରାଜିତ ସମିତିସଭ୍ୟ, ସରପଞ୍ଚ, ବ୍ଲକ ଓ ପଞ୍ଚାୟତସ୍ତରୀୟ କର୍ମକର୍ତ୍ତା, ଛାତ୍ର, ଯୁବ ଓ ମହିଳା ବିଜୁ ଜନତା ଦଳର କର୍ମକର୍ତ୍ତା ଏହି ଦାବି କରିଛନ୍ତି। ଏହି ପ୍ରସ୍ତାବ ଗୃହୀତ ହେବା ସହ ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖକୁ ସୁପାରିସ କରି ପଠାଇବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବୈଠକରେ କେନ୍ଦ୍ରାପଡ଼ା ଜିଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ଉତ୍କଳ କେଶରୀ ପରିଡା ପ୍ରତିଶ୍ରୁତି ଦେଇଛନ୍ତି।

ବ୍ଲକ ବିଜେଡି ଉପସଭାପତି ତଥା ଡେରା ସରପଞ୍ଚ ନିରଞ୍ଜନ ରାଉତଙ୍କ ପୌରୋହିତ୍ୟରେ ରାଜନଗର ବ୍ଲକ ବିଜେଡିର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଏ ସମ୍ପର୍କରେ କହିଛନ୍ତି, ବ୍ଲକ ବିଜେଡି ସଭାପତି ଅନ୍ୟ ଦଳ ସହ ହାତ ମିଳାଇଛନ୍ତି। ତାଙ୍କ ବିରୋଧରେ ଦେଉଥିବା ଦଳ ବିରୋଧୀ ମନ୍ତବ୍ୟ ଓ ତାଙ୍କର ଦଳ ବିରୋଧୀ କାର୍ଯ୍ୟ ସମ୍ପର୍କରେ କହିଥିଲେ। ୩୨ ନଂ. ଜୋନର ପର୍ଯ୍ୟବେକ୍ଷକ ଲକ୍ଷ୍ମୀଧର ବାରିକ, ଓବିସି ସେଲ୍ ସଭାପତି ବିଜୟ ନାୟକ, ଈଶ୍ୱରପୁର ପଞ୍ଚାୟତ ସଭାପତି ଭ୍ରମରବର ଚମ୍ପତିରାୟ, ବ୍ଲକ ବିଜେଡି ଉପସଭାପତି ରମେଶ ଚନ୍ଦ୍ର ବେହେରା, ସୁଦର୍ଶନ ଦାସ, ଗୋବର୍ଦ୍ଧନ ପ୍ରଧାନ, ଅରୁଣ ସାହୁ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ମହିଳା ବିଜେଡି ସଭାନେତ୍ରୀ ରଶ୍ମି ରଞ୍ଜିତା ସ୍ୱାଇଁ, ଛାତ୍ର ବିଜେଡି ସଭାପତି ମନୋଜ କୁମାର ମଲ୍ଲିକ, ସରପଞ୍ଚ ନନ୍ଦ ଦୁଲାଲ ପରିଡା, ସୁଶ୍ରୀ ସଙ୍ଗୀତା ମିଶ୍ର, ଚିତ୍ତରଞ୍ଜନ ପଣ୍ଡା, ଗୋଲେଖ ଚନ୍ଦ୍ର ସ୍ୱାଇଁ, ଶୈଳେନ୍ଦ୍ର କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ ବ୍ଲକ ବିଜେଡି ସଭାପତି ଦଳର ସଙ୍ଗଠନଠାରୁ ଦୂରେଇ ରହିବା, ଦଳରେ କର୍ମୀଙ୍କ ମଧ୍ୟରେ ଗୋଷ୍ଠୀ ସୃଷ୍ଟି କରିବା, ଦଳର ନେତା ଓ ମୁଖ୍ୟମନ୍ତ୍ରୀଙ୍କ ଛବି ଖରାପ କରିବାକୁ ସାମାଜିକ ଗଣମାଧ୍ୟମରେ ବିଭିନ୍ନ ଖବର ପ୍ରକାଶ କରିବା, ସିଆରପି ଏବଂ ଏମ୍‌ବିକେ ନିଯୁକ୍ତି ପାଇଁ ପ୍ରତିହାରୀ ଟଙ୍କା ନେଇଥିବା ନେଇ ଗୁରୁତର ଅଭିଯୋଗ ଆଣିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ପୂର୍ବତନ ଅଧ୍ୟକ୍ଷ ଜୟୀରାମ ସେଠୀ, ଜିଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ଖୁକୁମିନା କୁଅଁର ପ୍ରମୁଖ ଆମ ନେତା ବିଧାୟକ ସାହୁ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୋଲି କହିଥିଲେ। ବ୍ଲକ ବିଜେଡି ସଭାପତି ପ୍ରତିହାରୀ ଦଳ ବିରୋଧୀ କାମ କରିଥିବାରୁ ତୁରନ୍ତ ତାଙ୍କୁ ପଦରୁ ଓ ଦଳରୁ ବହିଷ୍କାର କରିବାକୁ ଦାବି କରିଥିଲେ। ବୈଠକରେ କେନ୍ଦ୍ରାପଡା ଜିଲା ବିଜେଡି ସଭାପତି ପରିଡା କର୍ମୀଙ୍କ ଭାବାବେଗ ଓ ଅଭିଯୋଗ ଶୁଣିଥିଲେ। ଏ ସମ୍ପର୍କରେ ରାଜ୍ୟ ସଭାପତି, ରାଜ୍ୟ ସଙ୍ଗଠନିକ ସମ୍ପାଦକ ଓ ଜିଲା ପର୍ଯ୍ୟବେକ୍ଷିକାଙ୍କ ଦୃଷ୍ଟିକୁ ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଜେଡିରେ ଶୃଙ୍ଖଳାକୁ ଗୁରୁତ୍ୱ ଦିଆଯାଏ, ଦଳରେ ସ୍ୱାର୍ଥଠାରୁ କେହି ବଡ଼ ନୁହଁନ୍ତି, ଶୃଙ୍ଖଳା ରକ୍ଷା ପାଇଁ ଅତୀତରେ ଅନେକ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ସେ କହିଥିଲେ।

## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳା ମୃତ

ଓଡ଼ଗାଁ,୨୭।୮(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ଅଧୀନ ବାହାଡ଼ାଖୋଲା ଫାଣ୍ଡି କଳିଆ ଗ୍ରାମରେ ସାପ କାମୁଡାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ରାମଚନ୍ଦ୍ର ପ୍ରଧାନଙ୍କ ସ୍ତ୍ରୀ ରଞ୍ଜୁ (୨୯) । ରବିବାର ମଧ୍ୟାହ୍ନରେ ସେ ଘରେ ଥିବା ବେଳେ ଏକ ଚିତି ସାପ ତାଙ୍କୁ କାମୁଡି ଦେଇଥିଲା । ପରିବାର ଲୋକେ ତାଙ୍କୁ ନୟାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପରେ ରାମଚନ୍ଦ୍ର ଏନେଇ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୩/୨୩) ରୁଜୁ କରିଛି ।

### କାଉନସିଲରଙ୍କୁ ମାଡ଼ ନେଇ ଚର୍ଚ୍ଚା

ନୟାଗଡ଼,୨୭।୮(ଲୋକନାଥ ମିଶ୍ର):

ନୟାଗଡ ସହରର ଉନ୍ନୟନ କାର୍ଯ୍ୟରେ ଅସନ୍ତୋଷ ବ୍ୟକ୍ତ କରି ଜଣେ କାଉନସିଲରଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ହଟହଟା ହେବାକୁ ପଡିଛି । ବିକାଶର ପ୍ରଚାର ହେଉଥିବାବେଳେ ବିକାଶ ନ ଥିବାରୁ କେତେଜଣ ଭୋଟର ତାଙ୍କୁ ମାଡ ମାରିଛନ୍ତି । ଗତ ୩ ଦିନର ଏହି ଘଟଣା ସାଧାରଣରେ ଚର୍ଚ୍ଚା ବିଷୟ ହୋଇଛି । ହେଲେ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ ।

# ନକଲି ଡାକ୍ତରଙ୍କୁ କଟକଣା ନାହିଁ

ନୟାଗଡ଼ ଅଫିସ,୨୭।୮(ଲୋକନାଥ ମିଶ୍ର)

■ ଅପହଞ୍ଚ ଇଲାକାରେ ଅଧିକ ଚାହିଦା

■ ଘରକୁ ଘର ବୁଲି ଯୋଗାଉଛନ୍ତି ସ୍ୱାସ୍ଥ୍ୟ ସେବା

ବଣପାହାଡ ଘେରା ନୟାଗଡ଼ ଜିଲାରେ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଥିଲେ ହେଁ ଅପାଠୁଆ, ନକଲି ଡାକ୍ତର ତଥା କ୍ୱାକ୍ଙ୍କ ଚାହିଦା ବଢ଼ି ଚାଲିଛି। ଘରକୁ ଘର ବୁଲି କ୍ୱାକ୍ ରୋଗୀମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଉଛନ୍ତି। ପୁଣି ଟଙ୍କା ନ ଥିଲେ ରୋଗ ଭଲ ହେଲେ ଦେବ ଦର୍ଶାଇ ଔଷଧ, ଇଞ୍ଜେକଶନ ରୋଗୀଙ୍କୁ ଦେଉଛନ୍ତି। ଧୀରେ ଧୀରେ କ୍ୱାକ୍ମାନେ ଗାଁ ଗହଳି ତଥା ସହରରେ ଡାକ୍ତର ଭାବେ ନିଜର ଭଲ ପରିଚୟ ସୃଷ୍ଟି କରି ପୁଳା ପୁଳା ଟଙ୍କା ରୋଜଗାର କରୁଛନ୍ତି। ଏପଟେ ନକଲି ଡାକ୍ତର ଧରପଗଡ଼ କରିବାରେ ପ୍ରଶାସନ ବ୍ୟର୍ଥ ହୋଇଛି। ସରକାର ଲୋକଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଉଛନ୍ତି ବୋଲି ଡିଣ୍ଡିମ ପିଟୁଥିବାବେଳେ ଗାଁ ଗହଳି ଓ ସହର ସବୁଠି ନକଲି ଡାକ୍ତରଙ୍କୁ ରାତି ପାହିଲେ ଖୋଜା ପଡୁଛି। ସ୍ୱାସ୍ଥ୍ୟ ବିଭାଗର କେଉଁଠି ନାଁ କେଉଁଠି ତ୍ରୁଟି ନକଲି ଡାକ୍ତରଙ୍କ ଲୋକପ୍ରିୟତା ବଢ଼ାଇବାରେ ସହଯୋଗ କରୁଛି। ହେଲେ ସରକାର ଓ ପ୍ରଶାସନ ଏହାର କାରଣ ଖୋଜୁନାହାନ୍ତି। ଏଭଳିସ୍ଥଳେ ଅପାଠୁଆ ଡାକ୍ତରଙ୍କ ସ୍ୱାସ୍ଥ୍ୟସେବାରେ ରୋଗୀଙ୍କ ମୃତ୍ୟୁ ହେଉଥିଲେ ବି ଅଭିଯୋଗ ନ ଥିବାରୁ ଚପି ଯାଉଛି। ଅନ୍ୟପକ୍ଷେ ସ୍ଥିତି ଏପରି ହେଲାଣି ରୋଗୀ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନ ଆସି କ୍ୱାକ୍ଙ୍କ ପାଖରେ ଚିକିତ୍ସିତ ହେବାକୁ ଗୁରୁତ୍ୱ ଦେଉଛନ୍ତି।

ଜିଲାରେ ଏପରି ଗାଁ ଅଛି ଯେଉଁଠିକି ଏଯାବତ ରାସ୍ତା ନାହିଁ। ପୁଣି ସଂପୃକ୍ତ ଗାଁରେ ସ୍ୱାସ୍ଥ୍ୟସେବା ଆଦୌ ନାହିଁ। ଗାଁଠାରୁ ୨୦ରୁ ୪୦ କିମି ଦୂରକୁ ଆସିଲେ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଏଠାରେ ପୁଣି କେଉଁଠି ଡାକ୍ତର ଥାଇ ଆସୁନାହାନ୍ତି ତ ଆଉ କେଉଁଠି ଡାକ୍ତର ଥାଇ ବି ସେବା ମିଳୁନି। ସେହିପରି କିଛି ଗାଁରେ ସ୍ୱାସ୍ଥ୍ୟକେନ୍ଦ୍ର ଅଛି ଡାକ୍ତର ନାହାନ୍ତି। ଏଣୁ ଏହାର ଫାଇଦା ନେଇ କ୍ୱାକମାନେ ଗାଁ ଓ ସହରରେ ସେମାନଙ୍କର ନେଟୱାର୍କ କରି ଭଲ ରୋଜଗାର କରୁଛନ୍ତି। ଭାପୁର ବ୍ଲକର ବଡସରା, ଭଗବାନପୁର, ବାଇଗୁଣିଆ, ବାଘୁଆପଲ୍ଲୀ, ବନ୍ଧଦ୍ୱାର, ନିମାଣି, ନୂଆଗାଁ ବ୍ଲକର ଡିମିରିପଲ୍ଲୀ, ଖାଲମଡା, ଗୁମ ଓ କାପ୍ତାପଲ୍ଲୀ, ଦଶପଲ୍ଲା ବ୍ଲକର ଟାକରା, ବୁଗୁଡା ବାଣିଗୋଛା, ପୋଖରୀଗୋଛା, ଚଢ଼େୟାପଲ୍ଲୀ, ଚିନାପହଁରା, ନୂଆଗାଁ, ଡିହଗାଁ, ମଧ୍ୟଖଣ୍ଡ ଅଞ୍ଚଳରେ ଅପାଠୁଆ ଡାକ୍ତର ଗାଁ ଗାଁ ବୁଲି ସ୍ୱାସ୍ଥ୍ୟସେବା ଯୋଗାଉଛନ୍ତି। ରଣପୁର ବ୍ଲକର ବନ୍ଧମୁଣ୍ଡା, ନେଳିପଡା, ରାଇପଡା, ଓଡ଼ଗାଁ ବ୍ଲକର ବାଣ୍ଡପୁର, ଜାକେଡା, କୋମଣ୍ଡା, ଭୋବସର ଅଞ୍ଚଳରେ ଅପାଠୁଆ ଡାକ୍ତର ଘୁରି ବୁଲୁଛନ୍ତି। ଗଣିଆ ବ୍ଲକର ଗଣିଆ, ଛାମୁଣ୍ଡିଆରେ ସ୍ୱାସ୍ଥ୍ୟକେନ୍ଦ୍ର ରହିଥିଲେ ମଧ୍ୟ ଗଣିଆ, ଛାମୁଣ୍ଡିଆ, ରାସଙ୍ଗ, ବଡସିଲିଙ୍ଗା ଅଞ୍ଚଳରେ କ୍ୱାକଙ୍କ ରାଜୁତି ବଢୁଛି।

ଏନେଇ ବନ୍ଧମୁଣ୍ଡାର ରାମ ପ୍ରଧାନ, ବଡସିଲିଙ୍ଗାର ରଶ୍ମିତା ପ୍ରଧାନ କୁହନ୍ତି, ଆମ ଗାଁ ଓ ଆଖପାଖ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଆଦୌ ନାହିଁ। ଆମ୍ଭ ଗାଁରୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ହେଲେ ୨୫ରୁ ୩୦କିମି ଯିବାକୁ ପଡେ। ଜଣେ ରୋଗୀ ଦୂରଦୂରାନ୍ତର ସ୍ୱାସ୍ଥ୍ୟକେନ୍ଦ୍ରକୁ ଗଲାବେଳକୁ ଡାକ୍ତର ନ ଥିବେ। ଝାଡ଼ା ହେଉ ବା ଜ୍ୱର ରୋଗୀ ବହୁ ସମୟ ଅପେକ୍ଷା କରିବା କଷ୍ଟକର। ଏଭଳିସ୍ଥଳେ କେତେଜଣ ଅପାଠୁଆ ଡାକ୍ତର ଆମକୁ ଭଲ ସ୍ୱାସ୍ଥ୍ୟସେବା ଯୋଗାଉଛନ୍ତି। ସେମାନେ ଡାକ୍ତର ନ ହୋଇ ପାରିଥାନ୍ତି କିନ୍ତୁ ଡାକ୍ତରଠାରୁ ଅଧିକ ସେବା ଦିଅନ୍ତି। ଡାକ୍ତର ସରକାରଙ୍କଠାରୁ ଦରମା ପାଇ ମଧ୍ୟ ଆମକୁ ସେବା ଦେଉନାହାନ୍ତି। ଅପାଠୁଆ ଡାକ୍ତରମାନେ କିନ୍ତୁ ରୋଗ ଖବର ପାଇ ଔଷଧ ଓ ଇଞ୍ଜେକଶନ ଦେଇ ଚାଲି ଯାଆନ୍ତି। ପରେ ଆସି ସୁବିଧା ଅନୁସାରେ ସେମାନଙ୍କ ପ୍ରାପ୍ୟ ନିଅନ୍ତି। ସେମାନେ ଆମକୁ ଠକୁ ଥିବାର ଜାଣିଥିଲେ ହେଁ ତ୍ୱରିତ ସେବା ଯୋଗୁ ଆମେ ପ୍ରତିବାଦ କରୁ ନାହୁଁ। ସେମାନେ ନେଉଥିବା ଅର୍ଥ ୩୦ରୁ ୪୦ କିମି ଯାଇ ଚିକିତ୍ସା ହେବାଠାରୁ ବହୁ କମ। ଏଣୁ ସରକାରୀ ସ୍ୱାସ୍ଥ୍ୟସେବା ମୋ ଗାଁ କାହିଁକି ବିଭିନ୍ନ ଅଞ୍ଚଳରେ ଲୋକେ ପାଉନାହାନ୍ତି ବୋଲି କ୍ଷୋଭର ସହ କହିଥିଲେ।

### ବଙ୍ଗାଳି କ୍ଲିନିକରେ ଭିଡ଼

ଗାଁ ଗାଁରେ ବଙ୍ଗାଳି କ୍ଲିନିକ୍ ଗଢ଼ି ଉଠିଛି। ଏହି କ୍ଲିନିକଗୁଡିକ ଲାଇସେନ୍ସ ପାଇ ନ ଥିଲେ ହେଁ ଏହାର ମାଲିକ ନିଜକୁ ଡାକ୍ତର ବୋଲି ଦାବି କରୁଛନ୍ତି। ଏପରିକି କିଛି କ୍ଲିନିକ ସମ୍ମୁଖରେ ନକଲି ପ୍ରମାଣପତ୍ର ବି ଝୁଲୁଛି। ଡାକ୍ତର ଅସଲି କି ନକଲି ଜଣାପଡି ନ ଥିଲେ ହେଁ କ୍ଲିନିକ୍ଗୁଡିକରେ ରୋଗୀଙ୍କ ଭିଡ଼ ଜମୁଛି। ସ୍ୱାସ୍ଥ୍ୟ ବିଭାଗର ମଧ୍ୟ ଚଢ଼ାଉ ନାହିଁ। ଏଣୁ ବଙ୍ଗାଳି ଡାକ୍ତର ହୁଅନ୍ତୁ ଅଥବା ଓଡିଆ ଏମାନେ ଯେ ଅପାଠୁଆ କ୍ୱାକର ଆଉ ପରିଚୟ ଦେବାକୁ ଅଛପା ନାହିଁ। ସବୁ ସତ୍ତ୍ୱେ ସ୍ୱାସ୍ଥ୍ୟ ବିଭାଗର ଚଢ଼ାଉ ନାହିଁ। ଜିଲାର ରଣପୁର ବ୍ଲକର ମହୁଲିଆ, ଦର୍ପନାରାୟଣପୁର, ନୂଆଗାଁ ବ୍ଲକର ଖାଲମଡା, କୋରଡା ପରିଗାଁରେ ବଙ୍ଗାଳିମାନେ କ୍ଲିନିକ୍ କରି ରୋଗୀ ସେବା କରି ଆସୁଛନ୍ତି ବୋଲି ଅଭିଯୋଗ ରହିଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବିଜୟ




@ ଦୀପକ



@ ପଙ୍କଜ



@ ରଶ୍ମିତା




@ ପପୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନୀଳମାଧବଙ୍କ ପୀଠରେ ଝୁଲଣ ଯାତ୍ରା ଆରମ୍ଭ

ଖଣ୍ଡପଡ଼ା,୨୭।୮
(ଅଜୟ କୁମାର ମହାରଣା)



ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋର ଶ୍ରୀନୀଳମାଧବ ଜୀଉ ପୀଠ, ତତ୍ସଂଲଗ୍ନ ରାଧାମୋହନ ଜୀଉ ମଠ, କଣ୍ଟିଲୋ ଠାକୁର ଅଭିରାମ ପରମହଂସ ଦେବଙ୍କ ଶାନ୍ତି ଆନନ୍ଦାଶ୍ରମ, ସିଧାମୂଳାସ୍ଥ ଜଗନ୍ନାଥ ଜୀଉଙ୍କ ମନ୍ଦିର, ଖଣ୍ଡପଡ଼ା ଜଗନ୍ନାଥ ଜୀଉ ଓ ଖଲିସାହି ଗୋପାଳ ଜୀଉ ମନ୍ଦିରରେ ରବିବାରଠାରୁ ଝୁଲଣ ଯାତ୍ରା ଆରମ୍ଭ ହୋଇଛି । ଏହି ଅବସରରେ ନୀଳମାଧବ ଜୀଉ ଓ ସିଧାମୂଳାସ୍ଥ ଜଗନ୍ନାଥ ମନ୍ଦିରରେ ଭୋର ୫ଟାରେ ସ୍ନାନ ଅବକାଶ, ୭ଟାରେ ବଲ୍ଲଭ, ସାଢେ ୧୧ଟାରେ ସକାଳ ଧୂପ ଓ ପରେ ଦ୍ୱିପ୍ରହର ଧୂପ ସମ୍ପନ୍ନ ହୋଇ ଠାକୁର ପହଡ ଯାଇଥିଲେ । ସନ୍ଧ୍ୟା ସାଢେ ୭ଟାରେ ଏକାଦଶୀ ଓ ମହାଦୀପ ଉଠି ରାତି ୮ଟାରେ ଧୂପ ହୋଇଥିଲା । ରାତି ପ୍ରାୟ ସାଢେ ୮ଟା ସମୟରେ ମଦନମୋହନଙ୍କ ସହ ଲକ୍ଷ୍ମୀ ସରସ୍ୱତୀଙ୍କୁ ମୁକ୍ତି ମଣ୍ଡପକୁ ବିଜେ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା । ପରେ ଶ୍ରୀଜୀଉମାନେ ଝୁଲଣ ବେଦୀରେ ବିଜେ ହୋଇଥିଲେ । ସନ୍ଧ୍ୟାରେ ମଦନମୋହନଙ୍କୁ ଝୁଲଣ କୁରେ(ଦୋଳିରେ)ବିଜେ କରାଯାଇ ନାମ ସଂକୀର୍ତ୍ତନ ସହ ଭକ୍ତମାନେ ଶ୍ରୀଜୀଉଙ୍କୁ ଝୁଲାଇ ଥିଲେ । ଏହି ଅବସରରେ ସ୍ଥାନୀୟ ରାଧାମୋହନ ଜୀଉଙ୍କ ମଠରେ କଣ୍ଟିଲୋ ମହିଳା ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ଝୁଲଣ ସଙ୍ଗୀତ ଆବୃତ୍ତି କରାଯାଇଥିଲା । ଏହି ଝୁଲଣ କାର୍ଯ୍ୟକ୍ରମ ଆଜିଠାରୁ ୪ ଦିନ ବ୍ୟାପୀ ଅନୁଷ୍ଠିତ ହେବ ।

ସୂଚନାଯୋଗ୍ୟ, ପ୍ରତିବର୍ଷ ପରି ନୀଳମାଧବ ପୀଠରେ ଅନୁଷ୍ଠିତ ହେଉଥିବା ଝୁଲଣ ଉତ୍ସବ ଚଳିତ ବର୍ଷ ନିଆରା ଢଙ୍ଗରେ ନୀଳମାଧବ ପୂଜକ ସମାଜ ପକ୍ଷରୁ ପାଳନ କରାଯାଉଛି । ପ୍ରତିଦିନ ସନ୍ଧ୍ୟାରେ ଭଜନ ସମାରୋହ ଓ ମହିଳା ସଂକୀର୍ତ୍ତନ ମଣ୍ଡଳୀମାନଙ୍କ ପକ୍ଷରୁ କୃଷ୍ଣ ଚରିତ ଉପରେ ଆବୃତ୍ତି କରାଯିବ ବୋଲି ସୂଚନା ମିଳିଛି ।

# ନୟାଗଡ଼ରେ ଝୁଲଣ ଯାତ୍ରା



ନୟାଗଡ଼,୨୭।୮(ଲୋକନାଥ ମିଶ୍ର)

ନୟାଗଡ଼ ପୁରୁଣାସହରର ଜଗନ୍ନାଥ ମନ୍ଦିର ଓ ଗୋପିନାଥ ମନ୍ଦିରରେ ରବିବାରଠାରୁ ଝୁଲଣଯାତ୍ରା ଆରମ୍ଭ ହୋଇଛି । ଏହି ଅବସରରେ ଉଭୟ ପୀଠରେ ରଣପୁରର ନବରଙ୍ଗୀ ନୃତ୍ୟ ପରିବେଷଣ ହେଉଛି । ୫ଦିନ ଧରି ଏହି ଯାତ୍ରା ଚାଲୁ ରହିବ । ନୟାଗଡ଼ ଦେବୋତ୍ତର ବିଭାଗ ପକ୍ଷରୁ ୫ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିବ ବୋଲି ସୂଚନା ମିଳିଛି ।

# ୩୫ କେଜି ମାଂସ ସହ କାର୍ ଜବତ, ୨ ଅଭିଯୁକ୍ତ ଗିରଫ




ଓଡ଼ଗାଁ,୨୭।୮(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବନ ବିଭାଗ କର୍ମଚାରୀମାନେ ରବିବାର ସକାଳେ ଏକ କାରରୁ ୩୫ କେଜି ମାଂସ ଜବତ କରିଛନ୍ତି । ଏହି ଘଟଣାରେ ବ୍ୟବହୃତ କାରକୁ ଜବତ କରାଯାଇଛି । ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଗିରଫ ଦୁଇ ଅଭିଯୁକ୍ତ ପଡୋଶୀ ଜଗନାଥପ୍ରସାଦ ଥାନା ଅନ୍ତର୍ଗତ ପଞ୍ଚଭୂତି ଗ୍ରାମର ଦିଲୀପ ସାହୁ(୪୦) ଓ ଭଗବାନ ସାହୁ(୨୭) । ଉଭୟେ ଓଡି୦୨ଏଡି ୩୮୩୮ ନମ୍ବର ବିଶିଷ୍ଟ କାରରେ ପଲିଥିନ ପ୍ୟାକେଟ୍ରେ ଏହି ମାଂସ ନେଇ ଯାଉଥିଲେ ବୋଲି ବନ ବିଭାଗକୁ ସୂଚନା ମିଳିଥିଲା । ବନପାଳ ସନାତନ ସ୍ୱାଇଁ,ବନରକ୍ଷୀ ସୌମ୍ୟରଞ୍ଜନ ଦଳେଇ ଓ ସୁନୀଲ ନାୟକ ପ୍ରମୁଖ ସେହି କାରକୁ ପିଛା କରି ବାଙ୍କତରା ନିକଟରେ ଧରିଥିଲେ । ଜବତ ମାଂସ ସହିତ ଗୋଟିଏ ହରିଣ ଖୁରା ମିଳିଛି । ଗିରଫ ଯୁବକଦ୍ୱୟ ରଙ୍ଗଣୀପାଟଣା ଗ୍ରାମର ବସନ୍ତ ନାୟକଙ୍କ ଠାରୁ ମାଂସ କିଣି ବିକ୍ରି କରିବା ଉଦ୍ଦେଶ୍ୟରେ ବାଙ୍କତରା ରାସ୍ତା ଦେଇ ମାଛିପଡା ନେଉଥିବା ସ୍ୱୀକାର କରିଛନ୍ତି । ଉଭୟଙ୍କୁ ସୋମବାର ସ୍ଥାନୀୟ କୋର୍ଟରେ ହାଜର କରାଯିବ । ଜବତ ମାଂସର ନମୁନା ପରୀକ୍ଷା ନିମନ୍ତେ ପଠାଯାଇଛି । ବଳକା ମାଂସକୁ କାର୍ଯ୍ୟାଳୟ ପରିସରରେ ପୋତିଦିଆଯାଇଥିବା ରେଞ୍ଜର ନିଖିଳେଶ ମଲିକ ସୂଚନା ଦେଇଛନ୍ତି ।

# ପ୍ରଜାପିତା ବ୍ରହ୍ମାକୁମାରୀଙ୍କ ରକ୍ଷାବନ୍ଧନ ଉତ୍ସବ

ଖଣ୍ଡପଡ଼ା,୨୭।୮
(ଅଜୟ କୁମାର ମହାରଣା)



ରକ୍ଷାବନ୍ଧନ ଉତ୍ସବରେ ଯୋଗଦେଇଥିବା ଅତିଥି।

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଖଣ୍ଡପଡ଼ା ବ୍ଲକ୍ ଖଳିସାହି ଚାଉପଲ୍ଲୀ ଶାଖା ପରିସରରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ କଟକ ଏମ୍ପିଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାରସିଂହ, ରାଣୀଛେଲ୍ଲୀ ସମିତି ସଭ୍ୟ ସୁଶାନ୍ତ କୁମାର ବେହେରା, ଖଣ୍ଡପଡା ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକ ଦୀନବନ୍ଧୁ ନାୟକ, ରାମଚନ୍ଦ୍ର ମହାରଣାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ରକ୍ଷା ବନ୍ଧନର ମହତ୍ତ୍ୱ ସମ୍ପର୍କରେ ଅନୁଷ୍ଠାନର ସଞ୍ଚାଳିକା ଜ୍ୟୋସ୍ନା ଭଉଣୀ ବିଶଦ ଭାବେ ଆଲୋଚନା କରିଥିଲେ। ବ୍ରହ୍ମା କୁମାରୀ ସୁପ୍ରିୟା, ବ୍ରହ୍ମାକୁମାର ସୋମନାଥ ଓ ଲୁସି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ବ୍ରହ୍ମାକୁମାରୀମାନେ ସମସ୍ତଙ୍କ ହାତରେ ରାକ୍ଷୀବାନ୍ଧି ମିଠା ଖୁଆଇବା ସହ ଉପହାର ପ୍ରଦାନ କରିଥିଲେ। ସେହିପରି ଖଣ୍ଡପଡ଼ା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖା ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିକେ ଗୋପବନ୍ଧୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ଉପାଧ୍ୟକ୍ଷ ଶିଶିର କୁମାର ସାହୁ,ସାମାଜିକ କର୍ମୀ ମହେନ୍ଦ୍ର କୁମାର ବାରିକ, ଶିଶୁକବି କାଶୀନାଥ ଦାସ, ରାଜଯୋଗିନୀ ଗୀତା ଭଉଣୀ ପ୍ରମୁଖ ଯୋଗଦେଇ ପରମପିତା ଭଗବାନ ଶିବ ସମସ୍ତ ଜୀବ ଜଗତର ରକ୍ଷାକର୍ତ୍ତା। ତେଣୁ ସେହି କର୍ତ୍ତାଙ୍କୁ ସ୍ମରଣ କରିବା ରକ୍ଷାବନ୍ଧନର ଉଦ୍ଦେଶ୍ୟ ବୋଲି ଅତିଥିମାନେ ମତ ଦେଇଥିଲେ। ବିକେ ଶୈଳ ଓ ବିକେ ଅଭିମନ୍ୟୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

### ୫୬ ୟୁନିଟ୍ ରକ୍ତ ସଂଗ୍ରହ

ଦଶପଲ୍ଲା,୨୭।୮(ପ୍ରକାଶ କୁମାର ପାଣି)

ଦଶପଲ୍ଲା ସୌଖିନ କଳାକାର କେନ୍ଦ୍ରର ୨ୟ ପ୍ରତିଷ୍ଠା ଦିବସ ଉପଲକ୍ଷେ ଏକ ରକ୍ତଦାନ ଶିବିର ସ୍ଥାନୀୟ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୫୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ନୟାଗଡ଼ ରେଡକ୍ରସ ଟିମ୍ର ଡାକ୍ତରଙ୍କ ସମେତ ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ । ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ବେହେରା,ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁଙ୍କ ଉପସ୍ଥିତିରେ ଉକ୍ତ ଶିବିରକୁ ଉଦ୍ଘାଟନ କରାଯାଇଥିଲା। ଅନୁଷ୍ଠାନର ସଭାପତି ଅନୁପ ପଟ୍ଟନାୟକ,ସମ୍ପାଦକ ଦେବାଶିଷ ସାହୁ, କୋଷାଧ୍ୟକ୍ଷ ସୁନିଲ ପାତ୍ର ଏବଂ ରାଜକିଶୋର ବାରିକ, ପେଣ୍ଟର ଅଞ୍ଜନ ମହାରଣା, ସନ୍ତୋଷ ଖଣ୍ଡୁଆଳ, ପ୍ରସନ୍ନ ତାରେଣିଆ, ମନୋଜ କୁମାର ସାହୁ, ଗିରିଶ ସାହୁ, ସୁବାସ ପ୍ରଧାନ, କିରଣ ପୃଷ୍ଟି, କୃଷ୍ଣ ଚନ୍ଦ୍ର ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।

# ବିଜେଡି ପକ୍ଷରୁ ବାଇକ୍ ଶୋଭାଯାତ୍ରା

ଦଶପଲ୍ଲା,୨୭।୮(ପ୍ରକାଶ କୁମାର ପାଣି)

ରବିବାର ଦଶପଲ୍ଲାରେ ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଏକ ବାଇକ୍ ଓ ଅଟୋ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ପ୍ରାରମ୍ଭରେ ବିଜେଡି କର୍ମୀମାନେ ସ୍ଥାନୀୟ ମହାବୀର ମନ୍ଦିରଠାରେ ଏକାଠି ହୋଇଥିଲେ। ସେଠାରୁ ଶୋଭାଯାତ୍ରା ବାହାରି ବିଭିନ୍ନ ବଜାର ପରିକ୍ରମା କରି ତ୍ରିନାଥ ବଜାରରେ ପହଞ୍ଚିଥିଲା। ଶୋଭାଯାତ୍ରା ପରେ ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହରିଉଁ ପାହାଡ଼ରେ ଥିବା ମନ୍ଦିର, ମା’ ସୁଲୁସୁଲୁ ଅଟୋଷ୍ଟାଣ୍ଡ ସମେତ ବିଭିନ୍ନ ପ୍ରକଳ୍ପ ପାଇଁ ଶିଳାନ୍ୟାସ କରାଯାଇଥିଲା। ସୂଚନାଯୋଗ୍ୟ, ୫-ଟି ସଚିବ ଭି.କେ.ପାଣ୍ଡିଆନ ଦଶପଲ୍ଲା ଗସ୍ତ ସମୟରେ କେତେକ ଅନୁଷ୍ଠାନର ଉନ୍ନତି ପାଇଁ ଦରଖାସ୍ତ କରାଯାଇଥିଲା। ସେହି ଅନୁଷ୍ଠାନ ପାଇଁ ଅର୍ଥ ମଞ୍ଜୁର ହେବା ପରେ ଉନ୍ନତିକରଣ ପାଇଁ ଶିଳାନ୍ୟାସ କରାଯାଉଛି। ଉକ୍ତ ଶୋଭାଯାତ୍ରାରେ ବିଧାୟକ ସମେତ ବ୍ଲକ ଚେୟାରମ୍ୟାନ୍ ସୁନନ୍ଦା ସାହୁ, ପୂର୍ବତନ ଚେୟାରମ୍ୟାନ୍ ଉପେନ୍ଦ୍ର କୁମାର ସାହୁ, ବିଭିନ୍ନ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ ଓ ବହୁ କାଉସିଲର ଉପସ୍ଥିତ ଥିଲେ।

ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ କଲେ ବିଧାୟକ



ହରିଉଁ ପାହାଡ଼ରେ ବିଧାୟକ ଓ ବିଜେଡି କର୍ମକର୍ତ୍ତା ।

# ବିଧାୟକଙ୍କୁ ଦଶପଲ୍ଲା ସ୍ୱାଭିମାନ ମଞ୍ଚର ବିରୋଧ

ନୟାଗଡ଼ ଅଫିସ,୨୭।୮(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ସାଧାରଣ ନିର୍ବାଚନ ପୂର୍ବରୁ ରାଜନୈତିକ ପାଣିପାଗ ଗୋଳିଆ ହେଲାଣି। ରବିବାର ଦଶପଲ୍ଲା ସହରରେ ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ବିଶାଳ ବାଇକ୍ ଶୋଭାଯାତ୍ରା ଓ ଶିଳାନ୍ୟାସ ପର୍ବ ଅନୁଷ୍ଠିତ ହେଉଥିବାବେଳେ ସେପଟେ ଦଶପଲ୍ଲା ସ୍ୱାଭିମାନ ମଞ୍ଚ ପକ୍ଷରୁ ନୟାଗଡ଼ ସହରରେ ଏକ ଖବରଦାତା ସମ୍ମିଳନୀ କରାଯାଇ ବିଧାୟକଙ୍କୁ ଟିକେଟ ନ ଦେବାକୁ ଦାବି କରାଯାଇଛି। ଉକ୍ତ ଖବରଦାତା ସମ୍ମିଳନୀରେ ବିଜେଡିର ପୂର୍ବତନ ଜିଲା ଉପସଭାପତି ପ୍ରଦୋଷ କୁମାର ଜେନା କହିଥିଲେ, ନୟାଗଡ଼ ଜିଲାରେ ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ବିଜେଡିର ଦୁର୍ଗ। ତେବେ ବିଜେଡିର ପ୍ରକୃତ କର୍ମୀମାନଙ୍କୁ ଅଣଦେଖା ଓ ଥଟ୍ଟା ଉପହାସ କରାଯାଉଛି। ଏହାପରେ ବି ଦଳରେ ରହି ସ୍ୱାଭିମାନ ମଞ୍ଚ ମାଧ୍ୟମରେ କର୍ମୀମାନଙ୍କୁ ପ୍ରାର୍ଥୀ କରାଇ ବିଜୟୀ କରାଯାଇଛି। ଦଶପଲ୍ଲା ବ୍ଲକରେ ୨୦ ପଞ୍ଚାୟତ ମଧ୍ୟରୁ ସ୍ୱାଭିମାନ ମଞ୍ଚର ୧୪ ସରପଞ୍ଚ ଓ ୧୦ ସମିତି ସଭ୍ୟ ବିଜୟୀ ହୋଇଛନ୍ତି। ତେବେ ଜଣେ ସମିତି ସଭ୍ୟଙ୍କୁ ନିଜ ପକ୍ଷକୁ ନେଇ ବ୍ଲକ ଅଧ୍ୟକ୍ଷ ପଦ ଦଖଲ କରିଥିଲେ ମଧ୍ୟ ସ୍ୱାଭିମାନ ମଞ୍ଚ ଦଖଲରେ ଏନଏସି ଅଧ୍ୟକ୍ଷ ଓ କାଉନସିଲର ଅଛନ୍ତି। ପୋଖରୀଗୋଛା ଉପ ନିର୍ବାଚନରେ ପୁଣି ସ୍ୱାଭିମାନ ମଞ୍ଚ ବିଜୟୀ ହେଲା। ସ୍ୱାଭିମାନ ମଞ୍ଚ ନ ଥିଲେ ଭାଜପା ଦଶପଲ୍ଲାରେ ଶକ୍ତିଶାଳୀ ହୋଇ ସାରନ୍ତାଣି। ଏଣୁ ଆମେ ବିଜେଡିକୁ ବିରୋଧ ନ କରି ଶକ୍ତିଶାଳୀ କରୁଛୁ। ବିଜେଡି ବିଧାୟକଙ୍କ ନୀତି ନିୟମ, କାର୍ଯ୍ୟକଳାପକୁ ବିରୋଧ କରୁଛୁ। ବିଧାୟକଙ୍କୁ ନ ହଟାଇଲା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଜାରି ରହିବ। ଦଳ ଯାହାକୁ ପ୍ରାର୍ଥୀ କରିବ ଆମେ ତାଙ୍କୁ ଗ୍ରହଣ କରିବୁ। କିନ୍ତୁ ଦଶପଲ୍ଲା ବିଧାୟକଙ୍କୁ ପୁଣିଥରେ ପ୍ରାର୍ଥୀ କଲେ ସମୟ ତା’ର ଜବାବ ଦେବ ବୋଲି ସେ କହିଛନ୍ତି।

ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୋଖରୀ ଗୋଛା ସମିତି ସଭ୍ୟ ବାପୁଜୀ ସାହୁ, ଶିମଳିସାହି ସରପଞ୍ଚ ସଞ୍ଜୟ ପଟ୍ଟନାୟକ ଉପସ୍ଥିତ ଥିଲେ। ଶାସକ ଦଳରେ ଫାଟ, ଖବରଦାତା ସମ୍ମିଳନୀ ନେଇ ଦଶପଲ୍ଲା ବିଧାୟକ ବେହେରାଙ୍କୁ ତାଙ୍କ ଫୋନ ନଂ. ୭୦୦୮୫୧୩୬୬ରେ ବାରମ୍ବାର ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲା। ହେଲେ ସେ ଫୋନ ଉଠାଇ ନ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



ଖବରଦାତା ସମ୍ମିଳନୀରେ ସ୍ୱାଭିମାନ ମଞ୍ଚର କର୍ମକର୍ତ୍ତା ।

